## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ବୁଗୁଡା,୧୪।୧୦(କାଳି ଚରଣ ଦାଶ): ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଗ୍ରାମର ଚାଷୀ ପ୍ରମୋଦ ପ୍ରଧାନଙ୍କ(୫୫) ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପ୍ରମୋଦ ଶନିବାର ସନ୍ଧ୍ୟାରେ ବିଲରେ ପାଣି ମଡାଉ ଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପ୍ରମୋଦଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ ୨୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୨ ଜୁଆ ଆଡ୍ଡାରୁ ୧୫ ଗିରଫ

ଛତ୍ରପୁର,୧୪।୧୦(ସନ୍ତୋଷ ପାଢ଼ୀ): ଛତ୍ରପୁର ଥାନା ପୋଲିସ ପକ୍ଷରୁ ୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇ ୧୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୯୭ ହଜାର ୯୧୫ ଟଙ୍କା, ୧୮ଟି ମୋବାଇଲ ଫୋନ, ୫ଟି ବାଇକ, ତାସ, ଜରିପାଲ ଆଦି ଜବତ ହୋଇଛି। କୌଣସି ସୂତ୍ରରୁ ଖବରପାଇ ପୋଲିସ ବାଟ ଛତ୍ରପୁରଠାରେ ଚାଲିଥିବା ଜୁଆ ଖେଳ ଉପରେ ଚଢ଼ାଉ କରିଥିଲା। ସେଠାରୁ ୬ ଜଣଙ୍କୁ ଗିରଫ କରିବା ସହ ୫୬ ହଜାର ୩୯୦ ଟଙ୍କା, ୭ ମୋବାଇଲ ଫୋନ ଜବତ କରିଥିଲା। ସେହିପରି ଶାନ୍ତିନଗର ନିକଟରେ ଚାଲିଥିବା ବେଳେ ଆଉ ଏକ ଜୁଆ ଆଡ୍ଡାରୁ ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୪୧ ହଜାର ୫୨୫ ଟଙ୍କା, ୫ ବାଇକ ୧୧ ମୋବାଇଲ ଫୋନ ଜବତ ହୋଇଛି।

### ଘରୁ ଚୋରି ଅଭିଯୋଗ

ଟିକିଟି,୧୪।୧୦(ପ୍ରକାଶ ଚନ୍ଦ୍ର ସାହୁ): କେ. ନୂଆଗାଁ ଥାନା ଟିକିଟିପେଣ୍ଠସ୍ଥିତ ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ରବିବାର ବିଳମ୍ବିତ ରାତିରେ ଏକ ଘରର ତାଲା ଭାଙ୍ଗି ଦୁବୃତ୍ତ୨ ଭରି ଓଜନର ଅଳଙ୍କାର ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ସୁଲେଖା ପ୍ରଧାନ ଦୀର୍ଘଦିନ ଧରି ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ଏକ ଭଡା ଘରେ ରହିଆସୁଥିଲେ। ସେ ରବିବାର ନିଜ ଗ୍ରାମ ନୂଆପଡା ଫାଣ୍ଡି ଅନ୍ତର୍ଗତ ଲାଲମେଣ୍ଡାକୁ ଯାଇଥିଲେ। ରବିବାର ସକାଳେ ଫେରିବାରେ ଭଡ଼ାଘରୁ ଚୋରି ହୋଇଥିବା ଦେଖିଥିଲେ।

### ଚୋରାମଦ ବ୍ୟବସାୟ ବୃଦ୍ଧି, ଅଞ୍ଚଳବାସୀ ନାକେଦମ

ଦାରିଙ୍ଗବାଡି, ୧୪।୧୦(ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ସିମନବାଡିରେ ଚୋରା ମଦ କାରବାର ବଢ଼ିଚାଲିଛି। ଦିନରାତି ଏହି କାରବାର ଚାଲିଥିବା ବେଳେ ଅବକାରୀ ଓ ପୋଲିସ ବିଭାଗ ଚୁପ ବସିଛି। ଏପଟେ ମଦ୍ୟପଙ୍କ ଦୌରାତ୍ମ୍ୟରେ ଅଞ୍ଚଳବାସୀ ନାକେଦମ ହେଲେଣି। ଏଠାରେ ଲାଇସେନ୍ସ ପ୍ରାପ୍ତ କୌଣସି ସରକାରୀ ମଦ ଦୋକାନ ନ ଥିଲେ ମଧ୍ୟ ଏକାଧିକ ଦୋକାନରେ ବିଦେଶୀ ଓ ଦେଶୀ ମଦ ବେଧଡ଼କ ବିକ୍ରି ଚାଲିଛି। ସିମନବାଡିର ଜୁଡ଼ାବାଡି, ଶିବମନ୍ଦିର ସାହି, ତେଲିଛକ, ରାଇକିଆ ରୋଡ଼ରେ ଏହି କାରବାର ହେଉଛି। ଏଥିପାଇଁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପ୍ରାତଃ କି ସାନ୍ଧ୍ୟ ଭ୍ରମଣରେ ଘରୁ ପଦାକୁ ଯିବା ମୁସ୍କିଲ ବୋଲି ଜଣେ ମହିଳା ତାଙ୍କ ନାମ ଗୋପନ ରଖି କହିଛନ୍ତି। ସେପଟେ ପାର୍ବଣ ଚାଲିଥିବାରୁ ମଦ ସହ ଜୁଆଖେଳ (ଡାବାଲି )ମଧ୍ୟ ଚାଲିଛି। ଖେଳ ପରିଚାଳନା କରୁଥିବା ବ୍ୟକ୍ତିମାନେ ପୋଲିସକୁ ଚାଲେଞ୍ଜ ଦେଇ ବଜାର ଉପରେ ରାତିତମାମ ଖେଳାଉଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଚୋରି

ଛତ୍ରପୁର,୧୪।୧୦(ଦିଲୀପ ସାମଲ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମ ନିକଟରେ ଥିବା ବିରିସିଂ ପୀଠରୁ ରବିବାର ରାତିରେ ମା' ବିରିସିଂ ଓ ଶ୍ରୀଜଗନ୍ନାଥଙ୍କ ୩ଟି ଦାନହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ମା'ଙ୍କ ସୁନା ଅଳଙ୍କାର ଚୋରି ହୋଇଛି। ଉଭୟ ମନ୍ଦିରର ପୂଜକ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ବାହାର ପଟୁ କବାଟ ଗେଡା ପକାଇ ଚମ୍ପଟ ମାରିଥିଲେ। ସୋମବାର ସକାଳେ ପୂଜକମାନେ ଏହା ଜାଣିବା ପରେ ମନ୍ଦିର କମିଟିକୁ ସୂଚନା ଦେଇଥିଲେ। ଏନେଇ ମନ୍ଦିର କମିଟି ପକ୍ଷରୁ ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଥାନାର ସବ ଇନ୍ସପେକ୍ଟର ବିଶ୍ୱଜିତ ନାୟକ ଓ ପୋଲିସ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପାର୍ବଣ ଚାଲିଥିବା ବେଳେ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଚାଷ ପାଇଁ ତିଳିସିଙ୍ଗି, କମଳାବାରିରେ ହେବ ଆନିକଟ

## ବିଭିନ୍ନ ଗାଁ ବୁଲି ସମସ୍ୟା ବୁଝିଲେ ବିଧାୟକ

ଭଞ୍ଜନଗର,୧୪।୧୦(ବାବୁଲା ପ୍ରଧାନ): ଭଞ୍ଜନଗର ଅଞ୍ଚଳରେ ଦୀର୍ଘଦିନ ହେଲା ବର୍ଷା ନାହିଁ। ତେଣୁ କେତେକ ଅଞ୍ଚଳରେ ଧାନ ରୁଆ ଯାଇଥିବା ଫାଟିବା ଆରମ୍ଭ କଲାଣି। ଲେମ୍ବେଇ, ତିଳିସିଙ୍ଗି, ବଦାଙ୍ଗି, ଗାଲେରି, ଦୋମୁହାଣୀ, ଭାଲିଆଖାଇ, ଜିଲୁଣ୍ଡି, ଗୋଲାପଡା, କୁଲାଡ ଆଦି ପଞ୍ଚାୟତରେ ପାଣି ସମସ୍ୟା ଯୋଗୁ ମରୁଡି ଆଶଙ୍କା ଦେଖାଦେଲାଣି। ଏଭଳି ପରିସ୍ଥିତିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସୋମବାର ଭଞ୍ଜନଗର ବ୍ଲକ ଗୋଲାପଡ଼ା, ବାରୁଡା, ତିଳିସିଙ୍ଗି, କୁଲାଡ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କୁ ସେମାନଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ତେବେ ଅନେକ ଚାଷୀ ମୁଖ୍ୟତଃ ଜମିକୁ ଜଳସେଚନ ସୁବିଧା ନ ଥିବା ଜଣାଇଥିଲେ। ସେମାନଙ୍କୁ ବିଧାୟକ



ବିଧାୟକ ନାରାୟଣପାଟଣାରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଆଶ୍ୱାସନା ଦେଇ ତିଳିସିଙ୍ଗି,କମଳାବାରି ଠାରେ ଦୁଇଟି ଆନିକଟ କରିବା ପାଇଁ ଯୋଜନା ଚାଲିଛି। ଆଗାମୀ ଦିନରେ ତାହା କିଭଳି କାର୍ଯ୍ୟକାରୀ ହେବ ସେ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି ବୋଲି କହିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଭାଜପା ନେତା ଲକ୍ଷ୍ମୀ ନାରାୟଣ ପଣ୍ଡା, ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଡହ ଏବଂ ଭଞ୍ଜନଗର ଜଳଭଣ୍ଡାରରେ ପାଣି ବହୁତ କମ ଅଛି। ଆଜକୁ ଏକ ସପ୍ତାହ ହେବ ନଦୀ ଏବଂ କେନାଲରେ ପାଣି ଛଡାଯାଉଛି। କିନ୍ତୁ ତାହା ତଳମୁଣ୍ଡକୁ ଆସୁନାହିଁ। ଜଳର ସୁଷମ ବଣ୍ଟନ ହୋଇପାରୁନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଦେଇ କେନାଲ ଯାଇଛି। କିନ୍ତୁ ଜମିକୁ କେବେ ପାଣି ଆସୁନାହିଁ ବୋଲି ଭାଲିଆଖାଇର ବରିଷ୍ଠ ଚାଷୀ ଶୁଭେଗା ପ୍ରଧାନ ଅଭିଯୋଗ କରିଛନ୍ତି। ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ଦିବ୍ୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ମରୁଡ଼ି ହେଲାଭଳି କୌଣସି ଅଭିଯୋଗ ଆସିନାହିଁ। ରୋଗ ପୋକ ଧରିଥିବା ଅଭିଯୋଗ ଆସୁଛି। ତାହାର ସମାଧାନ କରାଯାଉଛି। ଏଥିସହ ୫୦ ପ୍ରତିଶତ ସବସିଡରେ ଔଷଧ ଯୋଗାଇ ଦିଆଯାଉଛି। ଭଞ୍ଜନଗର ବ୍ଲକରେ ଚଳିତ ବର୍ଷ ୭୩୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଆଗକୁ ଯଦି ବର୍ଷା ନହେବ ତେବେ ମରୁଡ଼ି ହେବା ସମ୍ଭାବନା ରହିଛି ବୋଲି କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ପରିବା ବଜାର



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବା ବଜାର।

ଆସିକା,୧୪।୧୦(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସିର ଲକ୍ଷ୍ମୀ ବଜାରସ୍ଥିତ ଅସ୍ଥାୟୀ ପରିବା ବଜାରରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ମୋଟ ୨୩ ଦୋକାନରୁ ୧୫ଟିରେ ସମ୍ପୂର୍ଣ୍ଣ କ୍ଷତି ହୋଇଥିଲା ବେଳେ ୮ଟିରେ ଆଂଶିକ କ୍ଷତି ହୋଇଛି। ଟିଣ ଛପର ରହିଥିବା ଏହି ଦୋକାନରେ ଅଗ୍ନିକାଣ୍ଡ ଯୋଗୁ ପରିବାପତ୍ର, ଓଜନ ଯନ୍ତ୍ର ଓ ଆସବାବ ପତ୍ର ପୋଡିଯାଇଥିଲା। ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ଦୁର୍ଗାପୂଜା ଲାଗି ପରିବା ଦୋକାନରେ ଠାକୁରଙ୍କ ପାଖରେ ଲାଗିଥିବା ଦୀପ ନିଆଁରୁ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ଏହି ଘଟଣା ପରେ ପରିବା ବଜାରରେ ବିଭିନ୍ନ ଦଳର ନେତାମରାନ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇଛନ୍ତି। ଆସିକା ବିଧାୟକ ସରୋଜ ପାଢୀ ରାଜସ୍ୱ କର୍ମଚାରୀଙ୍କ ସହ ପହଞ୍ଚି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ସେମାନଙ୍କୁ ଅଧିକ ଆର୍ଥିକ ସହାୟତା ପ୍ରଦାନ ଲାଗି ଉଦ୍ୟମ ଜାରି ରହିଥିବା ବିଧାୟକ ପାଢୀ ସୂଚନା ଦେଇଛନ୍ତି। ସେହିଭଳି ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ମଧ୍ୟ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରି ପରିବାର ବ୍ୟବସାୟୀଙ୍କ ଲାଗି ସ୍ଥାୟୀ ଗୃହ ଯୋଗାଇବା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ନେତ୍ରୀ ସୁରଭି ବିଷୋୟୀ ମଧ୍ୟ ପରିବା ବଜାର ସ୍ଥିତି ଅନୁଧ୍ୟାନ କରି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିଛନ୍ତି।

# ଆଶାକର୍ମୀ ସଂଘର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର,୧୪।୧୦(ଦିଲୀପ ସାମଲ):** ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ୭ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଶା କର୍ମୀ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସର୍ବେକ୍ଷଣ, ଟୀକାକରଣ, ମାତୃ ଓ ଶିଶୁ ଯତ୍ନ, ଔଷଧ ବିତରଣ, ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ବେତନ କିମ୍ବା ଭତ୍ତା ପ୍ରଦାନ କରାଯାଇ ନାହିଁ। ଆଶା କର୍ମୀମାନଙ୍କୁ ସରକାରୀ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାନ୍ୟତା ପ୍ରଦାନ କରିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇ ନାହିଁ, ସେ ପର୍ଯ୍ୟନ୍ତ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରିବା, ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସର ଗ୍ରହଣ କଲେ ଆଶା କର୍ମୀଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ମାସିକ ୫ ହଜାର ପେନ୍‌ସନ, ସବୁ ପିଏଚସି, ସିଏଚସିରେ ଆଶା ଗୃହ ନିର୍ମାଣ ଏବଂ ଯାତାୟାତ ନିମନ୍ତେ ବିନା ସୁଧରେ ସ୍କୁଟି ଯୋଗାଇଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଆଶା କର୍ମୀମାନଙ୍କର କାର୍ଯ୍ୟକୁ ପ୍ରଶଂସା କରି ଉଭୟ ସରକାର ଏବଂ ସମାଜ ସ୍ୱାସ୍ଥ୍ୟ ବିଭାଗର ମେରୁଦଣ୍ଡ ବୋଲି ବିବେଚନା କରୁଥିବା ବେଳେ ସରକାର ସେମାନଙ୍କର ଜୀବିକା ଏବଂ ପରିବାରର ରକ୍ଷଣାବେକ୍ଷଣ ପ୍ରତି ଉପଯୁକ୍ତ ଧ୍ୟାନ ଦେଉନାହାନ୍ତି ବୋଲି ମଧ୍ୟ ଦର୍ଶାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୁର ସଂଘର ଗଞ୍ଜାମ ଜିଲା ସମ୍ପାଦକ ଅର୍ଜୁନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲା ଶାଖାର ସମ୍ପାଦିକା ବବିତା ରାଉତଙ୍କ ସମେତ ବହୁ ଆଶା କର୍ମୀ ଉପସ୍ଥିତ ଥିଲେ।

# ହରଙ୍କ ନେତୃତ୍ୱରେ ବିଜେଡି କରିବ ପଦଯାତ୍ରା

## ସଙ୍ଗଠନକୁ ସୁଦୃଢ଼ କରିବାକୁ ପ୍ରସ୍ତୁତି ବୈଠକ



ବୈଠକରେ ଆଲୋଚନା ଚାଲିଛି।

କବିସୂର୍ଯ୍ୟନଗର,୧୪।୧୦(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ତଥା କୋଦଳା ଏନ୍‌ଏସିର ପ୍ରାକ୍ତନ ଅଧ୍ୟକ୍ଷ ହରପ୍ରସାଦ ସାହୁଙ୍କ ନେତୃତ୍ୱରେ ସୋମବାର କବିସୂର୍ଯ୍ୟନଗର ଏନ୍‌ଏସିଠାରେ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ପୁଣି ଥରେ ସଙ୍ଗଠିତ ହେବ। ହରଙ୍କ ନେତୃତ୍ୱରେ ପଦଯାତ୍ରା ଓ ସଦସ୍ୟତା ଅଭିଯାନ ଜୋରଦାର କରାଯିବ। ଲୋକଙ୍କ ସମସ୍ୟା ବୁଝିବା ପାଇଁ ପହଞ୍ଚିବେ ନେତା। ସମସ୍ତ ମନାନ୍ତର ଓ ମତାନ୍ତରକୁ ଭୁଲି ଏନ୍‌ଏସିର ସମସ୍ତ ବରିଷ୍ଠ ନେତା ଏକତ୍ରିତ ହୋଇ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ବିଜେଡି ନେତ୍ରୀ ରଞ୍ଜିତା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, କବିସୂର୍ଯ୍ୟନଗର ଏନଏସି ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ, ବିଜୟ କଅଁର, ବିଜୟ ପ୍ରଧାନ, ବିଷ୍ଣୁ ସାମଲ, ଭିକାରୀ ସ୍ୱାଇଁ, ହିନ ଖୁଣ୍ଟିଆ, ଇନ୍ଦ୍ର ଜେନା, ବଖାରୀ ମହମ୍ମଦ, ମନୁ ପରିଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ନିକଟରେ ହେବାକୁ ଥିବା ପଦଯାତ୍ରା ଓ ସଦସ୍ୟ ସଂଗ୍ରହ ସଂପର୍କରେ ଆଲୋଚନା ହୋଇଥିଲା। ବିଜେଡିର ପରାଜୟ ପରେ ହୋଇଥିବା ଏହି ପ୍ରଥମ ବୈଠକରେ ସମସ୍ତ ନେତା ଓ କର୍ମୀ ଏକମନ ହୋଇ କିପରି ଦଳକୁ ପୁନଃ ସଂଗଠିତ କରିବେ ସେ ନେଇ ହର ଆହ୍ୱାନ ଦେଇଥିଲେ। ସେହିପରି ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ଭାଜପାକୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଲୋକେ ଉଚିତ ଜବାବ ଦେବେ ବୋଲି ରଞ୍ଜିତା କହିଛନ୍ତି।

# ଭାଜପାରେ ମିଶିଲେ ସରପଞ୍ଚ, ସମିତିସଭ୍ୟ, ବିଜେଡି କର୍ମୀ



ଭାଜପାର ମିଶ୍ରଣ ପର୍ବରେ ଉପସ୍ଥିତ ଥିବା ମନ୍ତ୍ରୀ ନେତା ଓ କର୍ମୀ।

ପୋଲସରା,୧୪।୧୦(ସୁବ୍ରତ ବେହେରା): ଘୁମୁସର ସାଙ୍ଗଠନିକ ଜିଲା ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡି ଛାଡ଼ି ଶତାଧିକ ସ୍ଥାନୀୟ ନେତା , ସରପଞ୍ଚ, ସମିତିସଭ୍ୟ ଓ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ରବିବାର ମା' ସିଂହାସନୀଙ୍କ ପୀଠରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ମିଶ୍ରଣ ପବ ହୋଇଥିଲା। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାଣ୍ଡିରିପଡ଼ା ପଞ୍ଚାୟତର ସରପଞ୍ଚ ରଘୁନାଥ ଭୂୟାଁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ସମସ୍ତେ ମିଶି କିପରି ଅଞ୍ଚଳର ବିକାଶ ହୋଇପାରିବ ସହଯୋଗ ଲୋଡିଥିଲେ। ଭାଜପା ସରକାର ଧନେଇ ଜଳଭଣ୍ଡାର ଏକ ମିଟର ଗଭୀର କରିବା ଦୋସିଙ୍ଗ ଓ ଚାଞ୍ଚରା ଗ୍ରାମକୁ ରାସ୍ତା ନିର୍ମାଣ ଭଳି ବିଭିନ୍ନ ଯୋଜନା ହାତକୁ ନେଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପାଣ୍ଡିରିପଡା ପଞ୍ଚାୟତର ୨୬ଟି ଗ୍ରାମର ବିକାଶ ନେଇ ଚିନ୍ତା କରିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହା ସହିତ ମା' ସିଂହାସନୀ ମନ୍ଦିରର ଉନ୍ନତି ଦିଗରେ ୧୦ ଲକ୍ଷ ଟଙ୍କା ବଜେଟ ଘୋଷଣା କରିଛନ୍ତି। ବରିଷ୍ଠ ନେତା ପୀତବାସ ପ୍ରଧାନ, ପୂର୍ବତନ ସରପଞ୍ଚ କୈଳାସ ମହାରଣା,ଦଣ୍ଡପାଣି ନାୟକ, ରବିନ୍ଦ୍ର ନାୟକ, ବିପ୍ରଚରଣ ପ୍ରଧାନ, କୈଳାସ ପ୍ରଧାନ,କାଳୁ ସାହୁ, ବିଦ୍ୟାଧର ନାୟକ, ଧର୍ମେନ୍ଦ୍ର ଗୁରୁ, ଇଶର ପ୍ରଧାନ, ଲାବନ୍ୟ ବେହେରା, ବସନ୍ତ କୁମାର ବିଷୋୟୀ, ଶିବରାମ ବିଷୋୟୀ, ସୂର୍ଯ୍ୟ ବିଷୋୟୀ, ସମିତି ସଭ୍ୟା ମନୋଜ ବିଷୋୟୀଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ।

# ଅନ୍‌ଲାଇନ ବ୍ୟବସାୟ ଫିକା କଲା ଦଶହରା ବଜାର

ପାରଳାଖେମୁଣ୍ଡି,୧୪।୧୦(ଗିରିଧାରୀ ପରିଚ୍ଛା) ପ୍ରତିବର୍ଷ ଶାରଦୀୟ ଦଶହରା ଆସିଲେ ମିଶ୍ରିତ ପରମ୍ପରା ରହିଆସିଥିବା ଗଜପତି ଜିଲାରେ ଲୋକମାନେ କିଛି ସାମଗ୍ରୀ ଡ୍ରେସପତ୍ର ହେଉ ଅବା ଘରକରଣା ସାମଗ୍ରୀ ନୂଆ କିଣିଥାନ୍ତି। ଏଠାକାର ବ୍ୟବସାୟୀମାନେ ମଧ୍ୟ ଦଶହରାରେ ଟିକେ ଭଲ ବ୍ୟବସାୟ କରିବାକୁ ଆଶା ରଖିଥାନ୍ତି। ହେଲେ ଅନ ଲାଇନ ସାଇଟ ଫ୍ଲିପକାର୍ଟ, ଆମାଜନ, ମେସୋ ଭଳି ଅନ ଲାଇନ ସଂସ୍ଥା ଆକର୍ଷଣୀୟ ରିହାତି ଓ ଲୋକଙ୍କ ପସନ୍ଦର ସାମଗ୍ରୀ ବିବରଣୀ ନିଜ ସାଇଟରେ ଦେଇ ପାରଳାଖେମୁଣ୍ଡି ବଜାରକୁ ପ୍ରଭାବିତ କରିଛନ୍ତି। ପାର୍ବଣ ଋତୁରେ ଅଲାଇନରେ ଏହି ସଂସ୍ଥାମାନେ ଯେଉଁ ପ୍ରକାର ରିହାତି ଦେଇଛନ୍ତି ସେଥିରେ ଲୋକେ ଆକର୍ଷିତ ହୋଇ ଘରକରଣା ଜିନିଷଠାରୁ ଆରମ୍ଭ କରି ଟିଭି,ଫ୍ରିଜ, ୱାଶିଂ ମେଶିନ, ମୋବାଇଲ ଫୋନ, କପଡା ମଧ୍ୟ ମଗାଇଛନ୍ତି।ଫଳରେ ପାରଳାଖେମୁଣ୍ଡିର ବିଭିନ୍ନ ଲୁଗା ଦୋକାନ, ଡ୍ରେସ୍ ଦୋକାନ ଓ ଇଲକ୍ଟ୍ରୋନିକ୍ସ ଦୋକାନ ପୂଜା ବଜାରରେ ହତାଶ ହୋଇଛନ୍ତି। କେନ୍ଦ୍ର ସରକାର ଏଫଡ଼ିଆଇ ଲାଗୁ କରି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ବ୍ୟବସାୟକୁ କ୍ଷତି ପହଞ୍ଚାଇଛନ୍ତି ବୋଲି କେତେ ଜଣ ବ୍ୟବସାୟୀ କହିଛନ୍ତି।

# ଜୁଆଖେଳରୁ ୧୦ ଦିନରେ ୧୦୧ ଗିରଫ

ଛତ୍ରପୁର,୧୪।୧୦ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ପାର୍ବଣରେ ଚାଲିଥିବା ଜୁଆଖେଳଗୁଡିକରେ ଗଞ୍ଜାମ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ଅଞ୍ଚଳରେ ୧୦ ଦିନ ହେଲା ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ବେଆଇନ ମଦ କାରବାର ଉପରେ ଚଢ଼ାଉ କରାଯାଇ ୬୭୦ ଲିଟର ମଦ ଜବତ କରାଯିବା ସହ ୪୫ଟି ମାମଲା ରୁଜୁ କରାଯାଇଛି। ମଦ କାରବାର ଅଭିଯୋଗରେ ୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଟି କାର ୨ଟି ବାଇକ ଜବତ ହୋଇଛି। ସେହିପରି ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସିକା ଥାନା ଅଞ୍ଚଳରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୧୮ଟି ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯିବା ସହିତ ୧୦୧ ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ୨୩ଟି ମୋବାଇଲ, ୨୪ଟି ମୋଟର ସାଇକେଲ, ୩ଟି କାର ଜବତ କରାଯାଇଥିବା ଗଞ୍ଜାମ ଏସ୍‌ପି ପାତ୍ର ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏପରିଚଢାଉ ଜାରିରହିବ ବୋଲିସେ କହିଛନ୍ତି।

# ତାରିଣୀ ପରିଚ୍ଛା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି

ରାଇକିଆ,୧୪।୧୦ (ପ୍ରଦୀପ ବେହେରା): ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ତାଙ୍କର ରାଇକିଆ ବ୍ଲକ ପ୍ରତିନିଧି ଭାବେ ତାରିଣୀ ପରିଚ୍ଛାଙ୍କୁ ମନୋନୀତ କରିଛନ୍ତି। ଏ ନେଇ ବିଧାୟକ ପତ୍ର ମାଧ୍ୟମରେ



ରାଇକିଆ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଜଣାଇଛନ୍ତି। ରାଇକିଆ ବ୍ଲକର ସାମଗ୍ରିକ ବିକାଶ ଏବଂ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ବିଧାୟକ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ଦିଗରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ପରିଚ୍ଛା ପ୍ରକାଶ କରିଛନ୍ତି। ଏ ନେଇ ସେ ବିଧାୟକଙ୍କ ସମେତ ରାଇକିଆବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଟ୍ଟା ପ୍ରଦାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

## ୫୦ ବର୍ଷ ବିତିଲାଣି,ମିଳିନି ପଟ୍ଟା



ଶେରଗଡ଼୧୪।୧୦(ସୂର୍ଯ୍ୟ ନାରାୟଣଦାଶ) ଶେରଗଡ ପଞ୍ଚାୟତର ୧୫ନଂ ୱାର୍ଡ ଅନ୍ତର୍ଗତ ରାମଗିରି ମୌଜାରେ ପାଟପଲ୍ଲି ଗ୍ରାମ ଛକରୁ ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ୨୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘ ୫୦ ବର୍ଷ ହେଲା ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଏମାନଙ୍କ ରାଶନକାର୍ଡ ଅଛି, ଭୋଟର ତାଲିକାରେ ନାମ ଅଛି। ଏହା ୱାର୍ଡବାସିନ୍ଦା ଏଯାଏ ନିଜ ଘରର ପ୍ରମାଣପତ୍ର ସ୍ୱରୂପ ପଟ୍ଟା ଖଣ୍ଡେ ପାଇନାହାନ୍ତି। ଏନେଇ ସେମାନେ ସୋମବାର ତହସିଲଦାର ତ୍ରିଦେବ ରଥଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ବହୁବର୍ଷ ହେଲା ଏହି ବାସିନ୍ଦାମାନେ ପଟ୍ଟା ପାଇଁ ପ୍ରଶାସନ ନିକଟକୁ ଦୌଡୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏମାନେ ରହୁଥିବା ଜାଗା ସର୍ବସାଧାରଣ କିସମ ଥିବା ବେଳେ ଏହାକୁ ପରିବର୍ତ୍ତନ କଲେ ଆମ୍ଭର ପଟ୍ଟା ହୋଇପାରିବ ବୋଲି ସୂଚନା ପାଇ ସେମାନେ ତହସିଲଦାରଙ୍କୁ ଏହି ଦାବିପତ୍ର ଦେଇଛନ୍ତି। ତହସିଲଦାର ରଥ ଏହାକୁ ତୁରନ୍ତ ଜିଲାପାଳଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି।

# ଥାନାରେ ନିଆରା ଢଙ୍ଗରେ ହେଲା ଦଶହରା ପାଳନ

- ବ୍ରିଟିଶ ଅମଳରୁ ହୋଇ ଆସୁଛି ଏହି ପୂଜା
- ଦେଶୀ ମଦ ଓ ଛେଳି ଦାନ ନିୟମକୁ ପାଳନ କଲେ ଗ୍ରାମବାସୀ

ଦାରିଙ୍ଗବାଡି, ୧୪।୧୦ (ଅରୁଣ ସାହୁ ) ଦଶହରା ସମୟରେ କନ୍ଧମାଳ ଜିଲା ଦାରିଙ୍ଗିବାଡି ଅଞ୍ଚଳରେ ପୋଲିସ ଲୋକଙ୍କ ସହ ନିଆରା ଢଙ୍ଗରେ ଦଶହରା ପର୍ବ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ପରମ୍ପରା ବ୍ରିଟିଶ ଅମଳରୁ ରହିଥିବା ଗ୍ରୀନବାଡି ବାସିନ୍ଦା ପକହିଛନ୍ତି। ଏହି ପର୍ବର ଏକ ସପ୍ତାହ ପୂର୍ବରୁ ଥାନା ପକ୍ଷରୁ ଗ୍ରୀନବାଡିବାସୀଙ୍କୁ ଏହି ଦଶହରା ପୂଜାରେ ଯୋଗ ଦେବାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ଅସିଥାଏ। ସେହି ନିମନ୍ତ୍ରଣ ପାଇବାପରେ ଦଶହରା ଦିନ ଗ୍ରୀନବାଡିବାସୀ ନିଜ ଠାକୁରାଣୀ, ଗ୍ରାମଦେବତାଙ୍କ ନିକଟରେ ଅଞ୍ଚଳର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରିଥାନ୍ତି। ଦଶହରା ଦିନ ଗାଁର ମହିଳା, ପୁରୁଷ ଓ ଛୋଟ ଛୋଟ ପିଲା ଏକ ଶୋଭାଯାତ୍ରାରେ ବାଜା, ଶଙ୍ଖ, ମହୁରୀ ବଜାଇ ବାଣ ଫୁଟାଇ ଥାନାରେ



ଗ୍ରାମବାସୀ ଶୋଭାଯାତ୍ରାରେ ଥାନାକୁ ଯାଉଛନ୍ତି।

ପହଞ୍ଚିଥାନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଛେଳି, ଦେଶୀମଦ ଓ ବିଭିନ୍ନ ସାମଗ୍ରୀ ନେଇ ଥାନାର ମୁଖ୍ୟ ଫାଟକରେ ପହଞ୍ଚିଲେ ସେଠି ଥାନା ପକ୍ଷରୁ ଗ୍ରାମବାସୀଙ୍କୁ ସମ୍ବର୍ଦ୍ଧନା ଦେଇ ଥାନା ଭିତରକୁ ପାଛୋଟି ନିଅନ୍ତି। ଚଳିତ ବର୍ଷ ଆଇଆଇସି ରମେଶ ପ୍ରଧାନ ଗ୍ରୀନବାଡି ଗ୍ରାମବାସୀଙ୍କୁ ସ୍ୱାଗତ କରି ଥାନା ପରିସର ପୂଜାମଣ୍ଡପକୁ ନେଇଥିଲେ। ପରେ ଥାନାର ସମସ୍ତ କର୍ମଚାରୀଙ୍କୁ ସ୍ୱାଗତ କରାଯିବା ସହ ଦୁର୍ଗାପୂଜା ପାଇଁ ଜଳ ଉଠାଯାଇଥିଲା। ପରେ ଗ୍ରୀନବାଡିବାସୀ ଥାନାକୁ ଛେଳି ଓ ଦେଶୀ ମଦ ପ୍ରଦାନ କରି ଦଶହରା ପୂଜାରେ ସାମିଲ ହୋଇ ପ୍ରସାଦ ସେବନ କରି ଗ୍ରାମକୁ ଫେରିଥିଲେ। ଏହି ପରମ୍ପରା ବ୍ରିଟିଶ ସମୟରୁ ପାଳନ କରାଯାଉଥିବା ବେଳେ ଏହାଦ୍ୱାରା ପୋଲିସ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେଇପାରୁଥିବା ପୋଲିସ ଅଧିକାରୀ କହିଛନ୍ତି। ବ୍ରିଟିଶ ପୋଲିସ ସମୟରୁ ଦାରିଙ୍ଗବାଡି ଥାନା ପରିସରରେ ମା ପାଟ୍ଟଖଣ୍ଡା ପୂଜା ପାଉଛନ୍ତି। ମା'ଙ୍କୁ ଜଣେ ପୋଲିସ ଅଧିକାରୀ ଥାନା ପରିସରରେ ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମକୁ ଏସ୍‌ଆଇ ଜୟନ୍ତ ସେଠୀ, ଲକ୍ଷ୍ମୀ ମାଝୀ, ବାସନ୍ତୀ ବେହେରା, ଏଏସ୍‌ଆଇ ଅର୍ଜୁନ ଶବର ଓ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ। ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀ,ଚନ୍ଦନତ୍ରିପାଠୀପୂଜାର୍ଚ୍ଚନାସମ୍ପାଦନା କରିଥିଲେ।

## ସଂକ୍ଷେପରେ

### ମଧୁଲିନା ବିଧାୟକଙ୍କ ଜି.ଉଦୟଗିରି ଏନ୍ଏସି ପ୍ରତିନିଧି

ଜି.ଉଦୟଗିରି,୧୪।୧୦(ଚିନ୍ମୟ କୁମାର ସେଠୀ)–ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ମଧୁଲିନା ଦିଗାଲଙ୍କୁ ବିଧାୟକ ପ୍ରତିନିଧି ରୂପେ ନିଯୁକ୍ତ କରିଛନ୍ତି। ୱାର୍ଡ଼ ନଂ ୮ ନୂଆସାହିର ବାସିନ୍ଦା ମଧୁଲିନାଙ୍କ ସ୍ୱାମୀ ରୋହିତ କୁମାର ପ୍ରଧାନ ମଧ୍ୟ ଜଣେ ଆଗଧାଡ଼ିର କର୍ମୀ। ସାଧାରଣ ନିର୍ବାଚନ ପୂର୍ବରୁ ମଧୁଲିନା କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ ସଂଗଠନକୁ ସୁଦୃଢ଼ କରିବା ସହ ସାଧାରଣ ନିର୍ବାଚନରେ ଦଳ ପାଇଁ ଭଲ କାମ କରି ସ୍ଥାନୀୟ ଅଞ୍ଚଳରେ ଦଳୀୟ ସଂଗଠନ କାର୍ଯ୍ୟକୁ ଠିକ୍ ଭାବେ ସମ୍ପାଦନ କରିଛନ୍ତି। ବିଧାୟକ ପ୍ରତିନିଧି ହେବା ପରେ ଦଳୀୟ କର୍ମକର୍ତ୍ତା ଓ ସହରବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତଙ୍କ ସହ ମିଶି ସହର ଉନ୍ନତି ପାଇଁ କାମ କରିବି ଓ ବିଧାୟକ ପ୍ରତିନିଧି ଭାବେ ମିଳିଥିବା ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବି ବୋଲି କହି ମଧୁଲିନା ଦଳୀୟ କର୍ମକର୍ତ୍ତା ଓ ସହରବାସୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

### ପଥର ଖାଦାନରେ ବୁଡ଼ି ଛାତ୍ର ମୃତ

ଗୋପାଳପୁର,୧୪।୧୦(ନବୀନ ରାଜ ଆଚାରୀ)–ଗୋଳନ୍ଥରା ଥାନା ଅନ୍ତର୍ଗତ ପାଲୁର ହିଲ୍ସ ନିକଟରେ ଥିବା ପଥର ଖାଦାନକୁ ଗାଧେଇବାକୁ ଯାଇ ଜଣେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଡି. ଭାନୁ ପ୍ରକାଶ (୧୭ )। ଭାନୁ ପ୍ରକାଶ ଆନ୍ଧ୍ରରେ ଇଞ୍ଜିନିୟରିଂ ପଢ଼ୁଥିବା ବେଳେ ଗତ ୭ ତାରିଖରେ ଦଶହରା ଛୁଟିରେ ଗୋଳନ୍ଥରା ଥାନା ପାଲୁର ଗ୍ରାମକୁ ତାଙ୍କ ସହପାଠୀ ପି. ତ୍ରିପତିଙ୍କ ଘରକୁ ଆସିଥିଲେ। ସୋମବାର ସେମାନେ ଅନ୍ୟ ଜଣେ ସାଙ୍ଗ ସହ ପାଲୁର ହିଲସ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ନିକଟରେ ଥିବା ଏକ ପଥର ଖାଦାନକୁ ଗାଧୋଇବା ପାଇଁ ଯାଇଥିଲେ। ସମସ୍ତେ ଗାଧୋଉଥିବା ବେଳେ ଭାନୁ ପ୍ରକାଶ ବୁଡ଼ି ଯାଇଥିଲେ। ଗ୍ରାମବାସୀ ଭାନୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନଂ ୪୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଗୋପାଳପୁର,୧୪।୧୦(ନବୀନ ରାଜ ଆଚାରୀ)–ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ରୋଡ଼ରେ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖରିଆଗୁଡା ଅଞ୍ଚଳର ପ୍ରଦୀପ କୁମାର ସାହୁ । ପ୍ରଦୀପ ଏବଂ ସମ୍ପର୍କୀୟ ପ୍ରତୀକ ସାହୁ ବାଇକ (ନଂ. ଓଡି଼୦୭ ଏଫ ୬୪୫୭) ଯୋଗେ ବ୍ରହ୍ମପୁରରୁ ଗାଁକୁ ଫେରୁଥିବା ବେଳେ ପିତାତଳି ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ବସ (ନଂ ଓଡି଼୩୨କେ୧୯୧୨) ସେମାନଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ପ୍ରତୀକ ଓ ପ୍ରଦୀପ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିଟି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ ଓ ବାଇକକୁ ଜବତ କରିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ପ୍ରକାଶ କରିଛନ୍ତି।

# କାମରେ ଆସିଲାନି ମେଗା ଜଳସେଚନ ପ୍ରକଳ୍ପ

ପୁରୁଷୋତ୍ତମପୁର,୧୪।୧୦(ସିମାଞ୍ଚଳ ମିଶ୍ର)

**ଋଷିକୁଲ୍ୟାରେ ବିଧାୟକ ନିର୍ମାଣ କଲେ ଅସ୍ଥାୟୀ ଚେକ୍ଡ୍ୟାମ**



ଋଷିକଲ୍ୟା ନଦୀରେ ବିଧାୟକ ଅସ୍ଥାୟୀ ଚେକଡ୍ୟାମ ନିର୍ମାଣ କରୁଛନ୍ତି।

ସରକାର ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ଲାଗି ଯୋଜନା ପରେ ଯୋଜନା କରୁଛନ୍ତି। ମାତ୍ର ଉଠା ଜଳସେଚନ(ଲିଫ୍ଟ ଇରିଗେସନ) ବିଭାବିଭାଗ କର୍ମଚରୀଙ୍କ ଦାୟିତ୍ୱହିନତା ଯୋଗୁ ଚାଷୀଙ୍କ ଜମିକୁ ପାଣି ମାଡୁନି। ଫଳରେ ଫସଲ ନଷ୍ଟ ହେବା ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀଙ୍କ ଏଭଳି ସ୍ଥିତିକୁ ଅନୁଭବ କରି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ନିଜ ଉଦ୍ୟମରେ ପୁରୁଷୋତ୍ତମପୁର ବ୍ଲକର ଅନ୍ତରିଗାଁ ଠାରେ ଋଷିକୁଲ୍ୟା ନଦୀ ମଧ୍ୟରେ ସୋମବାର ଏକ ଅସ୍ଥାୟୀ ଚେକ୍ଡ୍ୟାମ ନିର୍ମାଣ କରିଛନ୍ତି।

ଅଞ୍ଚଳର ଚାଷଜମିକୁ ଜଳସେଚନ ଲାଗି ସରକାର ପାଣ୍ଡିଆ ପଞ୍ଚାୟତର ଖାଲୁଆ ସ୍ଥାନ ଦେଉଳପଲ୍ଲୀଠାରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ଲାଗି ୪୩ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ମାତ୍ର ଏହି ପ୍ରକଳ୍ପକୁ ଦେଉଳପଲ୍ଲୀଠାରେ ନିର୍ମାଣ କରିବା ବଦଳରେ ବିଭାଗୀୟ ଯନ୍ତ୍ରୀମାନେ ନିଜ ଇଚ୍ଛାରେ ଦେଉଳପଲ୍ଲୀଠାରୁ ପ୍ରାୟ ୧୦ କ.ମି. ଦୂର ଅନ୍ତରିଗାଁର ଏକ ଉଚ୍ଚ ସ୍ଥାନରେ ନିର୍ମାଣ କରିଛନ୍ତି। ଏହାର ଇନ୍ଟେକ ୱେଲଟି ଉଚ୍ଚସ୍ଥାନରେ ନିର୍ମାଣ କରାଯାଇଥିବାରୁ ପାଣି ଉଠାଣ ହୋଇ ନ ପାରି ଏହି ପ୍ରକଳ୍ପ ନିର୍ମାଣ ପରଠାରୁ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେଲା ପଡିରହିଛି। ଏହା ଚାଷୀଙ୍କ କାମରେ ଲାଗୁନି। ଚାଷଜମିକୁ ଜଳ ପାଇବାରେ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଚାଷୀ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ନାୟକ ଓ ଯୁବନେତା ସୀତାରାମ ପାଣିଗ୍ରାହୀ ସୋମବାର ଘଟଣା ସ୍ଥଳକୁ ଆସି ଦେଖିବା ସହ ସଙ୍ଗେ ସଙ୍ଗେ ଜେସିବି ମେଶିନ ଡକାଇ ଦଳୀୟ କର୍ମୀ ଓ ଚାଷୀମାନଙ୍କୁ ନେଇ କୋଡି ଶାବଳ ଧରି ଋଷିକୁଲ୍ୟା ନଦୀରେ ଖୋଳି ଏକ ଅସ୍ଥାୟୀ ଚେକ୍ଡ୍ୟାମ ନିର୍ମାଣ ଆରମ୍ଭ କରିଛନ୍ତି। ବିଧାୟକଙ୍କ ଏଭଳି ପଦକ୍ଷେପକୁ ଚାଷୀ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

## ୭ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇଲେ ଆଶାକର୍ମୀ



ଆଶାକର୍ମୀମାନେ ରାଲିରେ ଯାଉଛନ୍ତି ।

ଫୁଲବାଣୀ, ୧୪।୧୦(ରାକେଶ କୁମାର ରାଉତ)
ଆଶା କର୍ମୀମାନେ ସ୍ୱାସ୍ଥ୍ୟ ସେବାକୁ ସବୁ ବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । କିନ୍ତୁ ସରକାର ବହୁ ଦିନରୁ ହୋଇ ଆସୁଥିବା ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ସୋମବାର ୭ ଦଫା ଦାବି ନେଇ ଅଶାକର୍ମୀମାନେ ରାଜ ରାସ୍ତାକୁ ଓହ୍ଲାଇବା ସହ କନ୍ଧମାଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଓଡିଶା ରାଜ୍ୟ ଆଶାକର୍ମୀ ସଂଘ କନ୍ଧମାଳ ଜିଲା ଶାଖା ସଭାପତି ଅମ୍ବିକା ବେହେରା, ସୀତାରାଣୀ ଦିଗାଲ, ସୁନନ୍ଦା ଦିଗାଲ, ରିନା ବେହେରା, ଜିତାମୟ ମହାନନ୍ଦଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ମାଦିକୁନ୍ଦା ଛକରୁ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା । ଏହାପରେ ସଭାପତିଙ୍କ ସହ କେତେଜଣ ଆଶା କର୍ମୀ ଯାଇ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ।

ଜାତୀୟ ମିଶନକୁ ସ୍ଥାୟୀ କରିବା, ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ମାସିକ ପାରିଶ୍ରମିକ ୧୮ ହଜାର ଟଙ୍କା, ସାମାଜିକ ସୁରକ୍ଷା, ଅବସର ଆଶାକର୍ମୀଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ ସହ ମାସିକ ୫ ହଜାର ପେନସନ, ସବୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶା ଗୃହ ନିର୍ମାଣ, ବିନା ସୁଧରେ ସ୍କୁଟି ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ସାନଖେମୁଣ୍ଡିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



**ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ।**

ପାଟପୁର,୧୪।୧୦(ସିମାଞ୍ଚଳ ସାହୁ)
ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକରେ ସୋମବାର ଗଞ୍ଜାମ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ପରିସରରେ ଆୟୋଜିତ ଏହି ଶୁଣାଣିରେ ପଞ୍ଚାୟତ ସ୍ତରରୁ ଜନସାଧାରଣ ସେମାନଙ୍କ ମୌଳିକ ସମସ୍ୟା ସମାଧାନ ନେଇ ଅଭିଯୋଗ କରିଥିଲେ। ବିଡ଼ିଓ ଜିତେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବ୍ଲକ୍‌ସ୍ତରୀୟ ସମସ୍ତ ଲାଇନ ଅଧିକାରୀଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଏବଂ ଜିଲା ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଜଳସେଚନ, ସାମାଜିକ ସୁରକ୍ଷା, ଦିବ୍ୟାଙ୍ଗ ସଶକ୍ତିକରଣ ସମ୍ପର୍କିତ ମୋଟ ୪୧୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଆବାସ ଯୋଜନା ଜନିତ ଅଭିଯୋଗ ୩୩୦, ଖାଉଟି କାର୍ଡ ଜନିତ ୬୦, ସାମାଜିକ ସୁରକ୍ଷାଜନିତ ୨୫ଟି ଅଭିଯୋଗ ରହିଛି। ବ୍ଲକ୍ ଅଧ୍ୟକ୍ଷା ସୀମାଞ୍ଚଳ ପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲାପାଳ ଭିନା ଦସ୍ତଗିରି, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଜିଲାପାଳ ଭବତୋଷ ମଲିକ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଆସିଥିବା ଅଭିଯୋଗଗୁଡ଼ିକ ଉପରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ, ଶିଶୁ ବିକାଶ ଅଧିକାରୀ ଭବାନୀ ବେହେରା, ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ଼ା ବାହନ ଦାସ, ଆସିକା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଚିକିତ୍ସା ଜନିତ ଆସିଥିବା ୩ଟି ଅଭିଯୋଗକୁ ଜିଲାପାଳ, ଉପଜିଲାପାଳ ବିଚାରକୁ ନେଇ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ଯଥାକ୍ରମେ ଜଣକୁ ୫ ହଜାର, ଅନ୍ୟ ଦୁଇ ଜଣଙ୍କୁ ୨ ହଜାର ଲେଖାଏ ସହାୟତା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରିଥିଲେ।

## ଲଜରୁ ବିହାର ଯୁବକଙ୍କ ମୃତଦେହ ଜବତ

ଗଞ୍ଜାମ,୧୪।୧୦(ବିଦ୍ୟାଧର ସାହୁ)
ଗଞ୍ଜାମ ସହର ତ୍ରିବେଣୀ ମଠଛକ ସ୍ଥିତ ଏକ ଲଜ୍‌ରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ବିହାର ନୟାଗଞ୍ଜ ନୟାଗାଁ ମହମଦପୁର ଅଞ୍ଚଳର ଜ୍ଞାନ ପ୍ରକାଶ (୩୬)। ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତକଙ୍କ ଆଧାର କାର୍ଡ ଓ ମୋବାଇଲକୁ ନେଇ ପରିବାରକୁ ଖବର ଦିଆଯାଇଥିଲା। ଜ୍ଞାନ ପ୍ରକାଶ ଆର. କେ. କନଷ୍ଟ୍ରକ୍ସନର ଠିକା ଶ୍ରମିକ ଭାବେ କାମ କରୁଥିଲେ। ରବିବାର ରାତିରେ ସେ ମଦ୍ୟପାନ କରିଥିବା ଆଲୋଚନା ହେଉଛି। ଗତ ୯ ମାସ ହେଲା ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜ୍ଞାନ ପ୍ରକାଶ ଲଜ୍‌ରେ ରହୁଥିଲେ। ଗତ ଦୁଇଦିନ ହେଲା କାମ ବନ୍ଦ ଥିଲା। ସୋମବାର କାମକୁ ନ ଆସିବାରୁ ଜଣେ ଲୋକଙ୍କୁ ପଠାଇ ଘର ଦେଖିବା ପରେ ତାଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଲା ବୋଲି ଆର କେ କନଷ୍ଟ୍ରକ୍ସନ ସୁପରଭାଇଜର ଦିନେଶ ରାଓ କହିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବେଲଗୁଣ୍ଠା,୧୪।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ବେଲଗୁଣ୍ଠା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପ୍ରଶାନ୍ତ ନାୟକଙ୍କ ମାଆ କିଶୋରୀ ନାୟକ (୯୨)ଙ୍କ ରବିବାର ଭୋର୍ ୫ଟାରେ ନିଜ ଗ୍ରାମ ପାତୁଳି ସାହିରେ ପରଲୋକ ଘଟିଛି। କିଶୋରୀଙ୍କ ଦ୍ୱିତୀୟ ପୁଅ ପ୍ରଶାନ୍ତଙ୍କ ପରଲୋକ ପରେ ପୁଅକୁ ଝୁରି ଝୁରି ସେ ଖିଆପିଆ ଛାଡ଼ିଦେଇଥିଲେ। ଏଥିଯୋଗୁ ସେ ଦୁର୍ବଳ ହୋଇ ଯାଇଥିଲେ। ନିକଟରେ ପଡିଯିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। କିଛି ଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ସେ ଜଣେ ଧର୍ମପରାୟଣ ଏବଂ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ସୁକାନ୍ତ, ବସନ୍ତ, ସାନପୁଅ ସୁଶାନ୍ତ, ନାତି ଡା ସଂଗ୍ରାମ କେଶରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ତୁମୁଡିବନ୍ଧ,୧୪।୧୦(ଦୀପକ କୁମାର ପରସେଠ)
କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ଋତୁରାଜ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୫୯ଟି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତୁମୁଡିବନ୍ଧ ବ୍ଲକର ୧୧ଟି ପଞ୍ଚାୟତ, ବାଲିଗୁଡା ଓ କୋଟଗଡ଼ ବ୍ଲକରୁ ଅଭିଯୋଗକାରୀମାନେ ଆସି ନିଜ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଶିବିରରେ ଭିନ୍ନକ୍ଷମ ଡାନିଏଲ ମଣ୍ଡଳଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ମୁଣ୍ଡିଗଡ଼ ପଞ୍ଚାୟତ କୁର୍ତିପଡ଼ା ଗ୍ରାମର ବୃଦ୍ଧ ଉଲା ନାୟକଙ୍କୁ ଅନ୍ତ୍ୟୋଦୟ କାର୍ଡ଼ ମଞ୍ଜୁର ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଶିବିରରେ ୨୧ଟି ବ୍ୟକ୍ତିଗତ ଓ ୩୮ଟି ବିଭିନ୍ନ ସମସ୍ୟା ସମ୍ବଳିତ ଗୋଷ୍ଠୀଗତ ଅଭିଯୋଗ ଆସିଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି, ବାଲିଗୁଡ଼ା ଏସ୍‌ଡିପିଓ କମଳ ପଣ୍ଡା, ତୁମୁଡିବନ୍ଧ ବିଡିଓ ବନ ବିହାରୀ ହରପାଲ, ତହସିଲଦାର ଶୁଭାଶିଷ ପାଲଟା, ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପାଳିକରି ଫସଲ ଜଗୁଛନ୍ତି ନେଟେଙ୍ଗା ଗ୍ରାମବାସୀ

**କେନ୍ଦ୍ରୀୟ ବନାଞ୍ଚଳରେ ବାରହା ଆତଙ୍କ**

ଭଞ୍ଜନଗର,୧୪।୧୦(ବାବୁଲା ପ୍ରଧାନ)–ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳରେ କିଛିମାସ ହେଲା ଏକ ବାରହା ଆତଙ୍କ ସୃଷ୍ଟି କରିଛି। ସନ୍ଧ୍ୟା ହେଲେ ବାରହାଟି ଜଙ୍ଗଲରୁ ବାହାରି ନିକଟବର୍ତ୍ତୀ ଗ୍ରାମଗୁଡିକରେ ପଶି ଧାନ ସମେତ ପନିପରିବା ଫସଲ କ୍ଷତି କରୁଛି। ବିଭାଗୀୟ କର୍ମଚାରୀଙ୍କ ଅସହଯୋଗ ହେତୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ବାରହା ଆସିଲେ ଲୋକେ ବିଭାଗୀୟ କର୍ମଚାରୀଙ୍କୁ ସୂଚନା ଦେଉଛନ୍ତି। ମାତ୍ର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ପଦକ୍ଷେପ ନେବାରେ ବିଳମ୍ବ କରୁଛନ୍ତି। କେତେକ ଗ୍ରାମରେ ଲୋକେ ନିଜ ଫସଲ ରାତି ଉଜାଗର ହୋଇ ଚାଷ ଜମିଠାରେ ଜଗି ରହୁଛନ୍ତି। ସୋମବାର ରାତିରେ ନେଟେଙ୍ଗା ଗ୍ରାମକୁ ବାରହା ଆସିଥିଲା। ଗ୍ରାମବାସୀ ନିଆଁ ହୁଳା, ଠେଙ୍ଗା,ହେଡ ଲାଇଟ ପକାଇ ଜମି ନିକଟରେ ଜଗି ରହିଥିଲେ। ପାଳିକରି ଆମେ ଗ୍ରାମବାସୀ ରାତି ତମାମ ଜମିର ଫସଲ ଜଗି ଭୋରରୁ ଘରକୁ ଫେରୁଛୁ ବୋଲି ଗ୍ରାମର ଦିନ ଖଣ୍ଡୁଆଲ, ସୁଶାନ୍ତ ଗୌଡ, ବାବାଜୀ ସାଇଁ, ବିପ୍ର ଡାକୁଆ, ବିପ୍ର ସେଠୀ, ମଙ୍ଗୁଲୁ ସ୍ୱାଇଁ, ସୁରେନ୍ଦ୍ର ପରିଡ଼ା, ସନ୍ତୋଷ ଖଣ୍ଡୁଆଲ, ପଞ୍ଚୁ ବିଶ୍ୱାଳ, ଟୁଲୁ ବିଶ୍ୱାଳ, ସୁନିଲ ବିଶ୍ୱାଳ, ନାରାୟଣ ସାଇଁ, ନବୀନ ସାଇଁ ପ୍ରମୁଖ କହିଛନ୍ତି। କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ରେଞ୍ଜର ପୃଥ୍ୱୀରାଜ ପ୍ରଧାନଙ୍କୁ ପଚରିବାରୁ ସେ କହିଲେ, ବନ୍ୟପ୍ରାଣୀ ଏବଂ ମଣିଷ ମଧ୍ୟରେ ଯେଭଳି ବିବାଦ ନ ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଲୋକଙ୍କ ଫସଲ ସୁରକ୍ଷିତ ରହିବ ସେଥିପାଇଁ ମଧ୍ୟ ଆଗୁଆ ପଦକ୍ଷେପ ନିଆଯାଉଛି। କର୍ମଚାରୀମାନେ ବନ୍ୟପ୍ରାଣୀ ଏବଂ ଫସଲ କିଭଳି ସୁରକ୍ଷିତ ରହିବ ଚେଷ୍ଟା କରୁଛନ୍ତି ବୋଲି ସେ କହିଥିଲେ।

## ଆର୍‌ଏସ୍‌ଏସ୍ ତରଫରୁ ବିଜୟା ଦଶମୀ ପାଳିତ


ରାଷ୍ଟ୍ରୀୟ ସ୍ୱୟଂସେବକ କର୍ମକର୍ତ୍ତା ।

ଜି.ଉଦୟଗିରି,୧୪।୧୦(ଚିନ୍ମୟ କୁମାର ସେଠୀ)
ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ତରଫରୁ ଜି.ଉଦୟଗିରି ଠାରେ ବିଜୟା ଦଶମୀ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ସ୍ୱୟଂସେବକ କର୍ମକର୍ତ୍ତା ସଂଘର ପାରମ୍ପରିକ ପୋଷାକ ସହ ଧବଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଅସ୍ଥାୟୀ ଦୁର୍ଗା ପୂଜା ମଣ୍ଡପ ନିକଟରେ ପହଞ୍ଚି ମା'ଙ୍କୁ ଦର୍ଶନ ସହ ସହର ପରିକ୍ରମା କରି ବିଜୟା ଦଶମୀ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟବାହ ଅରବିନ୍ଦ ପ୍ରଧାନ, ଖଣ୍ଡ କାର୍ଯ୍ୟବାହ ସୁଧୀର ପ୍ରଧାନ, ଜିଲା ପ୍ରଚାରକ କରନ ପ୍ରଧାନ, ନଗର କାର୍ଯ୍ୟବାହ ମନୋଜ ବେହେରାଙ୍କ ସହିତ ବରିଷ୍ଠ ସ୍ୱୟଂ ସେବକ ଲକ୍ଷ୍ମଣ ଆଚାର୍ଯ୍ୟ, ଅଭିମନ୍ୟୁ ପ୍ରଧାନ, ମାନ ଗୋବିନ୍ଦ ପ୍ରଧାନ, ମାୟା ବନ୍ଧୁ ପ୍ରଧାନ, ପ୍ରଶାନ୍ତ ବଗର୍ତ୍ତୀ, ପ୍ରଶାନ୍ତ ମୁନିଙ୍କ ସହିତ ଶତାଧିକ ମହିଳା ବିଜୟା ଦଶମୀ ପାଳନରେ ଯୋଗ ଦେଇଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ : ୯ ଗିରଫ, ୨ ଗାଡ଼ି ଜବତ

ଗଞ୍ଜାମ,୧୪।୧୦(ବିଦ୍ୟାଧର ସାହୁ)
ରମ୍ଭା ଥାନା ଅଞ୍ଚଳରେ ଦୀର୍ଘ ମାସ ହେବ ଜୁଆ ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଗୁରୁତ୍ୱ ଦେଇ ରମ୍ଭା ପୋଲିସ ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ରବିବାର ବିଳମ୍ବିତ ରାତିରେ ଆଇଆଇସି ସତ୍ୟବ୍ରତ ଭୂଟିଆ ସଦଳବଳ ଚଢ଼ାଉ କରି ୯ଜଣ ଜୁଆଡ଼ୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୨୨ହଜାର ଟଙ୍କା, ୧୨ଟି ମୋବାଇଲ ଏବଂ ଗୋଟିଏ ବାଇକ୍ ଓ ସ୍କୁଟି ଜବତ ହୋଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୩୦ ବର୍ଷ ହେଲା କେ. ଝାଳରସିଂବାସୀ ଭୋଗୁଛନ୍ତି ଜଳକଷ୍ଟ



ନୂଆଗଡ,୧୪।୧୦(ଯୋଗ୍ୟବନ୍ତ ପରିଚ୍ଛା )
ଗଜପତି ଜିଲା ନୂଆଗଡ ବ୍ଲକ କେ. ଝାଳରସିଂ ପଞ୍ଚାୟତର କେ. ଝାଳରସିଂ ଗ୍ରାମବାସୀ ପାନୀୟ ଜଳ ସଙ୍କଟ ଯୋଗୁ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟା ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେଲା ଗ୍ରାମରେ ଲାଗି ରହିଛି। ଗ୍ରାମରେ ୩୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ପ୍ରାୟ ୧୫୦୦ ରହିଛି। ଗ୍ରାମରେ ୫ ନଳକୂପ ଏବଂ ୪ କୂଅ ରହିଛି। ମାତ୍ର ସେଥିରୁ ୩ ନଳକୂପ ଅଚଳ ହୋଇପଡିଥିବା ବେଳେ ୨ଟି ନଳକୂପରୁ କଳଙ୍କି ମିଶା ପାଣି ବାହାରୁଛି। ଫଳରେ ଏହି ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ୪ଟି କୂଅରୁ ୨ଟି କୂଅ ପାଣି ଶୁଖିଯାଉଛି। ଅନ୍ୟ ୨ଟି କୂଅରେ ଗ୍ରାମବାସୀ ଲୁଗାପଟା ସଫା କରୁଥିଲେ ସୁଦ୍ଧା ତାହା ପିଇବା ଉପଯୋଗୀ ହେଉନାହିଁ। ଗ୍ରାମରେ ସରକାରଙ୍କ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଛି। ସେଥିରୁ ଗ୍ରାମବାସୀ ବିଶେଷ ରୂପେ ଉପକୃତ ହେଉନାହାନ୍ତି। ଗୋଟିଏ ୧ ଲକ୍ଷ ଲିଟର ପାଣି ଟାଙ୍କି ଏବଂ ୨ଟି ୫୦ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ରହିଛି। ଏଥିରୁ ଗୋଟିଏ ୫୦ହଜାର ଲିଟର ପାଣି ଟାଙ୍କି ଅଚଳ ହୋଇପଡିଛି। ଗ୍ରାମର ପ୍ରତ୍ୟେକ ଘରକୁ ପାଣି ଟ୍ୟାପ ସଂଯୋଗ କରାଯାଇଛି। ରହିଥିବା ଷ୍ଟାଣ୍ଡପୋଷ୍ଟରୁ ଅନେକ ଷ୍ଟାଣ୍ଡ ପୋଷ୍ଟ ଓ ପାଣି ଟ୍ୟାପ ଭାଙ୍ଗିରୁଜି ଯାଇଛି। ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳ ଗ୍ରାମବାସୀ କିଛିଦିନ ପାଇଥିଲେ ମଧ୍ୟ ତାହା ପରେ ବନ୍ଦ ହୋଇଯାଇଛି। ଏ ସମସ୍ୟା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମାସକୁ ଥରେ ବିଭାଗ ପାଣି ଛାଡୁଛି। ସେହିପାଣି ଟାଙ୍କି ସଫା କରାଯାଉ ନ ଥିବାରୁ ଏବେ କଳଙ୍କି, ଆବର୍ଜନା ପାଣି ଆସୁଛି। ଏହି ପାଣି ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅସୁବିଧା ଭୋଗୁଛନ୍ତି। ଗ୍ରାମର ପାନୀୟ ଜଳ ସମସ୍ୟା ପ୍ରଶାସନ ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଧାରଣା ଦେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମା'ଙ୍କ ଘରେ ପୂଜା ପାଇଲେ ବୁଢ଼ୀ ଠାକୁରାଣୀ

ଦିଗପହଣ୍ଡି,୧୪।୧୦(ଅଶେଷ ନାଥ ମିଶ୍ର)


**ଘଟ ଶୋଭାଯାତ୍ରାରେ ମା' ବୁଢ଼ୀ ଠାକୁରାଣୀ**

ଦିଗପହଣ୍ଡି ସହରର ଅଧିଷ୍ଠାତ୍ରୀ ଦେବୀ ମା ' ବୁଢ଼ୀ ଠାକୁରାଣୀଙ୍କ ପାରମ୍ପରିକ ଶାରଦୀୟ ଯାତ୍ରା ସୋମବାର ଷଷ୍ଠ ଦିବସରେ ପହଞ୍ଚିଛି। ସନ୍ଧ୍ୟାରେ ଅସ୍ଥାୟୀ ଯାତ୍ରା ପୀଠରେ ସହର ସମେତ ଆଖାପଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଯାତ୍ରା ପୀଠରେ ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥଶର୍ମା ଓ ସେବାୟତ ଆଦିତ୍ୟ ପାତ୍ର ନୀତି ଅନୁଯାୟୀ ମା'ଙ୍କୁ ବନ୍ଦାପନା ଓ ମହାଆଳତି କରି ପୂଜାର୍ଚ୍ଚନା କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କୁ ଘଟ ଶୋଭାଯାତ୍ରାରେ ସାହି ପରିକ୍ରମା କରିବା ପାଇଁ ଆବାହନ କରାଯାଇଥିଲା। ମା'ଙ୍କ ଆଜ୍ଞା ମାଳ ଖସିବା ପରେ ମୁଖ୍ୟ ଘଟ(ବଡ଼ହାଣ୍ଡି)କୁ ଶୋଭାଯାତ୍ରାର ସମ୍ମୁଖ ଭାଗରେ ରଖାଯିବା ପରେ ପାର୍ଶ୍ୱଘଟଧାରୀ ମହିଳାମାନେ ମା'ଙ୍କ ଅନୁମତି ନେଇ ଘଟ ଉଠାଇଥିଲେ। ବାଦ୍ୟ ବାଜଣା ପଟୁଆରରେ ଘଟ ଶୋଭାଯାତ୍ରା ଯାତ୍ରା ପୀଠରୁ ବାହାରି ଜନତା ଲେନ, ଧୋବା ସାହି, ଆଠଗଡିଆ ସାହି, ଗଡ଼ ଚୈତନ୍ୟପୁର ଶାସନ ସାହି, ଚିକିଟିଆ ସାହି, ଭୋଇ ବାଉରୀ ସାହି, କୁମ୍ଭାର ସାହି ଓ ବଜାର ସାହି ପରିକ୍ରମା କରି ବିଳମ୍ବିତ ରାତିରେ ମା' ଯାତ୍ରା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସହରର ସର୍ବପୁରାତନ ବସ୍ତି ଗଡ଼ ଚୈତନ୍ୟପୁର ଶାସନ ସାହି ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କୁ ଧୂପ, ଦୀପ, ନୈବେଦ୍ୟ ପ୍ରଦାନ ପୂର୍ବକ ନିମନ୍ତ୍ରଣ କରାଯାଇଥିଲା। ଦୁର୍ଗା ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀ ଓ ମା' ଦୁର୍ଗାଙ୍କ ଭେଟ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପରେ ମା' ସାଆନ୍ତାଣୀ ବୁଢ଼ୀ ଠାକୁରାଣୀଙ୍କ ସେବାୟତମାନେ ପରିବାର ସହ ରହୁଥିବା ଚିକିଟିଆ ସାହିରେ ପହଞ୍ଚିଥିଲେ। ଶାଶୁ ଘରୁ ମା' ଘରକୁ ଆସିଥିବା ବୁଢ଼ୀ ଠାକୁରାଣୀଙ୍କୁ ସେବାୟତମାନେ ଘର ସମ୍ମୁଖକୁ ନେଇ ପୂଜାର୍ଚ୍ଚନା କରିଥିଲେ। ଖିରି, କାକରା, ପିଠା ପଣା ଖାଇ ସାହି ମଧ୍ୟରେ ପୂଜା ପାଉଥିବା ଭଉଣୀ ମା' ଫୁଲସୁନ୍ଦରୀଙ୍କ ମଣ୍ଡପରେ ବିଜେ ହୋଇଥିଲେ। ବିଧି ମୁତାବକ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା।

ଶୋଭାଯାତ୍ରାରେ ଯାତ୍ରା କମିଟି ସଭାପତି ବିକାଶ ପଶୁପାଳକ, ଉପସଭାପତି ଏ.ସାକିଲି, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହସମ୍ପାଦକ ଦୀପକ ମିଶ୍ର, କୋଷାଧ୍ୟକ୍ଷ ଆଶିଷ ପଟ୍ଟନାୟକ, ସହକୋଷାଧ୍ୟକ୍ଷ କେ . ରାଜେନ୍ଦ୍ର, ଉପଦେଷ୍ଟା କୁରେଶୁ ମହାରଣା, ଏ.ଗୋବିନ୍ଦ, ଶିବଶଙ୍କର ମହାନ୍ତ, ପ୍ରଦୀପ ପଣ୍ଡା, କେ. କୁନା, ରବିନ୍ଦ୍ର ମାଥା, ନୀଳମାଧବ ଗୌଡ, ହିମାଂଶୁ ପାଣିଗ୍ରାହୀ ସାମିଲ ହୋଇଥିଲେ। ଠାକୁରାଣୀ ଯାତ୍ରା ଅବସରରେ ପ୍ରାୟ ପ୍ରତ୍ୟେକ ସାହିକୁ ଆଲୋକମାଳାରେ ସଜା ଯାଇଛି। ସକାଳେ ଅସ୍ଥାୟୀ ଯାତ୍ରା ପୀଠରେ ପୁରାତନ ଗୋଲାନାଚ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ କଟକର ନିର୍ବାଣ ଦିଗିଟାଲ ବିଟ୍ ଅଫ୍ ମ୍ୟୁଜିକ ମେଲୋଡିରେ ହ୍ୟୁମାନ ସାଗର ଏବଂ ସ୍ମିତା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ବିଳମ୍ବିତ ରାତିରେ ଦିଗପହଣ୍ଡିର ମା' ଫୁଲସୁନ୍ଦରୀ ନାଟ୍ୟ ସଂସଦ କଳାକାରମାନେ ସାମାଜିକ ନାଟକ 'କେତେ ଦୁଃଖ ଦେବୁ ଦେରେ କାଳିଆ' ମଞ୍ଚସ୍ଥ ହୋଇଥିଲା।




ବ୍ରହ୍ମପୁର ସହରରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରିବାକୁ ଶୋଭାଯାତ୍ରାରେ ନିଆଯାଉଛି।



ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଉଛି ।

# ଶଙ୍ଖ ହୁଳହୁଳିରେ ମା'ଙ୍କୁ ମେଲାଣି

ବ୍ରହ୍ମପୁର,୧୪।୧୦(ସ୍ମୃତି ରଞ୍ଜନ ମହାଲିକ)

ଜିଲା ପ୍ରଶାସନର ନିୟମକୁ ଅନୁପାଳନ କରି ସୋମବାର ସହରର ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଭସାଣି ଉତ୍ସବ କରାଯାଇଛି। ଚଳିତ ବର୍ଷ ସହରରେ ୪୨ ମଣ୍ଡପରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିଲା। ଭସାଣିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଏମସି ପକ୍ଷରୁ ନିର୍ମିତ ୪ ଅସ୍ଥାୟୀ ପୋଖରୀରେ ମା' ଦୁର୍ଗାଙ୍କ ବିସର୍ଜନ କରାଯାଇଛି। ସହରବାସୀ ଭକ୍ତି ଶ୍ରଦ୍ଧା ପୂର୍ବକ ମା'ଙ୍କୁ ମେଲାଣି ଦେଇଛନ୍ତି।

ସନ୍ଧ୍ୟାରେ ମଣ୍ଡପରେ ପୂଜାର୍ଚ୍ଚନା ପରେ ପଟୁଆର ବାହାରିଥିଲା। ପ୍ରଶାସନ ପକ୍ଷରୁ ଡିଜେ ବାରଣ ଥିବାରୁ କମିଟି ପକ୍ଷରୁ ସିଙ୍ଗ ବାଜା, ଧୁମଧାଡକା, ଘଣ୍ଟ, ମୃଦଙ୍ଗ ଓ ଯୋଡି ଶଙ୍ଖରେ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସହରସାରା ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ମା'ଙ୍କ ଭସାଣି ଆକର୍ଷଣୀୟ ହୋଇଥିଲା। ସାହି ମଧ୍ୟରେ ମା'ଙ୍କ ପଟୁଆର ଯିବା ସମୟରେ ହୁଳ ହୁଳିରେ ସାହି ଗୁଡିକରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମା'ଙ୍କୁ ମେଲାଣି ସମୟରେ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇ ଆଶୀଷ ଭିକ୍ଷା କରୁଥିବା ଦେଖାଯାଇଥିଲା। ଶୃଙ୍ଖଳା ଦୃଷ୍ଟିରୁ ଅସ୍ଥାୟୀ ପୋଖରୀ ନିକଟରେ ପୋଲିସ ନିୟୋଜିତ ହୋଇଥିଲେ। ତେବେ ଗୋସାଣୀ ନୂଆ ଗାଁ ଅସ୍ଥାୟୀ ପୋଖରୀରେ ପାଣି ନ ଥିବା କାରଣରୁ ବହୁ କମିଟି ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଟ୍ୟାଙ୍କର ଯୋଗେ ପାଣି ଭରି କରାଯାଇଥିଲା।

## ଅନ୍ତର୍ଜାତୀୟ ଯୁବ ଶିବିରରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ

ବ୍ରହ୍ମପୁର,୧୪।୧୦(ସ୍ୱାଧୀନଶେଖରପାଢ଼ୀ)



ନିତୁ ରଂଜନ ଦାସ ଓ ସହଯୋଗୀ।

୧୫ତମ ଅନ୍ତର୍ଜାତୀୟ ଯୁବ ଶିବିର ସଂଳାପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ନିତୁ ରଞ୍ଜନ ଦାଶ ଭାଗ ନେଇଥିଲେ। ଗତ ୫ରୁ ୧୫ ତାରିଖ ଏହା ରୁଷିଆର କଲୁଗା ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସଂସ୍କୃତିର ପାରସ୍ପରିକ ଯୋଗାଯୋଗ ଏବଂ ଯୁବ ସହଯୋଗର ବିକାଶ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ରୁଷିଆନ ଫେଡେରେଶନ ତଥା କମନୱେଲଥର ସ୍ୱାଧୀନ ରାଜ୍ୟ ଏବଂ ଅନ୍ୟ ଦେଶରୁ ୧୦୦ ଯୁବ ପ୍ରତିଭା ଭାଗ ନେଇଥିଲେ। ସଂଳାପ ଏକ ସମ୍ମାନଜନକ ଶିକ୍ଷାଗତ ଯୋଗାଯୋଗ ପ୍ଲାଟଫର୍ମ। ଅନ୍ତଃରାଷ୍ଟ୍ରୀୟ ସଂସ୍କୃତି ସଂଳାପ ଏବଂ ଅନ୍ତର୍ଜାତୀୟ ଯୁବ ସହଯୋଗକୁ ଗୁରୁତ୍ୱ ଦେଇ ପ୍ରତି ଚାରି ବର୍ଷରେ ଥରେ ଏହା ଅୟୋଜନ କରାଯାଇଥାଏ। କାର୍ଯ୍ୟକ୍ରମରେ ଭାରତୀୟ ଯୁବ ଗବେଷକ ତଥା ପ୍ରଫେସର ଦାଶ ଏବଂ ରାଜୀବ ରାଜ ସେମାନଙ୍କର ଗବେଷଣା ଏବଂ ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ନୂତନ ପ୍ରକଳ୍ପ ପ୍ରସ୍ତୁତିର ଶୈକ୍ଷିକ ଜ୍ଞାନ ଆହରଣ ପାଇଁ ମନୋନୀତ ହୋଇଥିଲେ। ଡାନିସ ଭାଲିରିଏଭିଚି ଆସିରୋଭ, ଡେପୁଟି ହେଡ ଅଫ ଫେଡେରାଲ ଏଜେନ୍ସି ଅଫ ୟୁଥ ଆଫେୟାର୍ସ ଯୋଗଦେଇ କାର୍ଯ୍ୟକ୍ରମର ଗୁରୁ ତଥା ଯୁବ ନେତୃତ୍ୱମାନଙ୍କୁ ସଶକ୍ତ କରିବା, ସଂଳାପ, ସହଯୋଗ ଏବଂ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଅନ୍ତର୍ଜାତୀୟ ଯୁବ ସମ୍ପର୍କର ଭବିଷ୍ୟତ ଗଠନ କରିବା ଉପରେ ଆଲୋଚନା ହୋଇଥିଲା।

## ଲଦାଖ ଜଳବାୟୁ ସତ୍ୟାଗ୍ରହକୁ ସମର୍ଥନ କରି ଧାରଣା




ଗଣଧାରଣାରେ ସାମିଲ ବିଭିନ୍ନ ସଙ୍ଗଠନର ନେତା।

ବ୍ରହ୍ମପୁର,୧୪।୧୦(ସ୍ମୃତିରଞ୍ଜନମହାଲିକ)

ହିମାଳୟ ଲଦାଖ ଜଳବାୟୁ ସତ୍ୟାଗ୍ରହକୁ ସମର୍ଥନ କରି ଲୋକଶକ୍ତି ଅଭିଯାନ ଓ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ସୋମବାର ଗାନ୍ଧୀନଗର ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ମୌନ ଧାରଣା ଦିଆଯାଇଛି। ଦିଲ୍ଲୀଠାରେ ହିମାଳୟର ସୁରକ୍ଷା ପାଇଁ ଅନଶନରେ ଥିବା ପରିବେଶ ବିଜ୍ଞାନୀ ସୋନମ ୱାଂଚୁକଙ୍କୁ ସମର୍ଥନ ଦିଆଯାଇଛି। ଲଦାଖବାସୀଙ୍କ ଗଣତାନ୍ତ୍ରିକ ଅଧିକାର ଓ ପ୍ରାକୃତିକ ସଂପଦର ସୁରକ୍ଷା ପାଇଁ ସାମ୍ବିଧାନିକ ଅଧିକାର ଦାବିରେ ୧ ହଜାର କି.ମି. ପାହାଡ ରାସ୍ତାରେ ଆସିଥିବା ପଦଯାତ୍ରୀଙ୍କୁ କେନ୍ଦ୍ର ସରକାର ଦିଲୀରେ ଗିରଫ କରିଥିଲେ। ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସତ୍ୟାଗ୍ରହର ନେତା ସୋନମ ତାଙ୍କ ଆନ୍ଦୋଳନ ଜାରି ରଖିଛନ୍ତି। ଧାରଣା ସ୍ଥଳରେ ବସିଥିବା ଶତାଧିକ ଯୁବତୀ ଓ ଯୁବକଙ୍କୁ ଦିଲୀ ପୋଲିସ ଅଟକ ରଖିବା ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ବୋଲି ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି। ଧାରଣାରେ ଗ୍ରୀନ ମେନ ସୁଧୀର ରାଉତ, ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡଙ୍ଗୀ, ମାନବବାଦୀ ଓ ହେତୁବାଦୀ ସଂଗଠନ ସଂପାଦକ ନନ୍ଦେଷ୍ଟୁ ସେନାପତି, ଆପ ନେତା ସୁବାସ ରାଉତ, ଆଦିତ୍ୟ ରଥ, ଶିକ୍ଷକ ନେତା ରାଜେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ସଂଗଠନର ନେତାମାନେ ଉପସ୍ଥିତ ଥିଲେ।

# କୋର୍ଟରେ ଆତ୍ମସମର୍ପଣ ପରେ ୧୯ କିନ୍ନରଙ୍କୁ ଜାମିନ

ବ୍ରହ୍ମପୁର, ୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ରେଳ ସୁରକ୍ଷା ବଳ (ଆରପିଏଫ) ଥାନାରେ ପଶି ଗାଡି ଭଙ୍ଗାରୁଜା ଓ ପୋଲିସକୁ ଆକ୍ରମଣ ଘଟଣାରେ ସରକାରୀ ରେଳବାଇ ପୋଲିସ ଶତାଧିକ କିନ୍ନରଙ୍କ ନାମରେ ମାମଲା ରୁଜୁ କରିଥିଲା। ଦୀର୍ଘ ଦୁଇ ମାସ ଧରି ଫେରାର ରହିବା ପରେ ୧୯ କିନ୍ନର ତାଙ୍କ ଓକିଲଙ୍କ ଜରିଆରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶରେ ଉକ୍ତ ୧୯ ଅଭିଯୁକ୍ତ କିନ୍ନର ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସାୟାଦ ଇକବାଲ ଓ ତାଙ୍କ ସହଯୋଗୀ ଯଶୋବନ୍ତ ନାୟକ ସମସ୍ତ ଆବଶ୍ୟକ କାଗଜପତ୍ର କୋର୍ଟରେ ଦାଖଲ କରିଥିଲେ। ଏସଡିଜେଏମ ଏହାର ଶୁଣାଣି କରି ଉକ୍ତ ୧୯ କିନ୍ନରଙ୍କୁ ପ୍ରତ୍ୟେକ ୫୦ହଜାର ଟଙ୍କାର ମୁଚାଲିକା ଓ ଜଣେ ଜାମିନଦାର ଦାଖଲ କରି ସର୍ତ୍ତମୂଳକ ଜାମିନରେ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଭୁଲ କେବେ ନକରିବା, ପୋଲିସ ତଦନ୍ତରେ ସହଯୋଗ କରିବା ଓ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେବାକୁ ଜାମିନରେ ଉଲ୍ଲେଖ ରହିଛି ବୋଲି ଆଇନଜୀବୀ ଇକବାଲ କହିଛନ୍ତି। ଗତ ଅଗଷ୍ଟ ୧୩ ତାରିଖରେ ବାଲୁଗାଁ –ବ୍ରହ୍ମପୁର ଟ୍ରେନରେ ଆସୁଥିବା ଯାତ୍ରୀମାନଙ୍କୁ ଜଣେ କିନ୍ନର ଦୁର୍ବ୍ୟବହାର କରିବା ସହ ଜୋର ଜବରଦସ୍ତି କରି ଟଙ୍କା ମାଗୁଥିବା ଖବର ମିଳିଥିଲା। ଆରପିଏଫ ପୋଲିସ ବିଶାଖା ଏକ୍ସପ୍ରେସରୁ ଜଣେ କିନ୍ନର ଭକ୍ତି ଓରଫ ଜଗନ୍ନାଥ ପୂଜାରୀ(୨୩)ଙ୍କୁ ଧରି ଥାନାକୁ ଆଣି ଅଟକ ରଖିଥିଲା। ଖବର ପାଇ ଶତାଧିକ କିନ୍ନର ବ୍ରହ୍ମପୁର ଆରପିଏଫ ପୋଲିସ ଷ୍ଟେସନ ଭିତରେ ଧସେଇ ପଶି ଅଟକ କିନ୍ନରଙ୍କୁ ଛାଡିବା ନେଇ ଥାନା ଘେରାଉ କରିଥିଲେ। ସେମାନେ ସେଠାରେ ଥିବା ପୋଲିସ ଗାଡି ଭଙ୍ଗାରୁଜା କରିବା ସହ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଏପରିକି ଅଟକ କିନ୍ନରଙ୍କୁ ଥାନାରୁ ନେଇଯାଇଥିଲେ। ଏନେଇ ଆରପିଏଫ କନଷ୍ଟେବଲ ସି. ଭେଙ୍କଟ ରମଣା ଜିଆରପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ନଂ.୮୦/୨୪ ରେ ୧୦୦ରୁ ଉର୍ଦ୍ଧ୍ୱ କିନ୍ନରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

# ଘର ଭଡ଼ା ନେବା ନାଁରେ ନେଇଗଲେ ୪୦ ହଜାର

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଚଞ୍ଚକତା କରି ଜଣେ ସାଇବର ଠକ ଭଡା ବାବଦ ଅଗ୍ରୀମ ଟଙ୍କା ପଠାଇଥିବା ଦର୍ଶାଇ ଘର ମାଲିକଙ୍କ ଠାରୁ ୪୦ ହଜାର ଠକି ନେଇଛନ୍ତି। ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୋଲିସ ନଂ.୨୫୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭାବିନିପୁର ନିକଟ ହନୁମାନ ନଗରରେ ରହୁଥିବା ଜଣେ ବକ୍ତିଙ୍କ ଘରର ପ୍ରଥମ ମହଲା ଖାଲିଥିବା ବେଳେ ତାହାକୁ ଭଡାରେ ଦିଆଯିବ ବୋଲି ସେ ଘର ସମ୍ମୁଖରେ ଫୋନ ନମ୍ବର ସହ ଲେଖିଥିଲେ। ଘର ଭଡା ନେବାକୁ ଏକାଧିକ ଫୋନ କଲ ଆସୁଥିଲା । କିଛି ଦିନ ତଳେ ସେହି ନମ୍ବରକୁ କୁନ୍ଦନ କୁମାର ଦୁବେ ନାମକ ଜଣେ ସାଇବର ଠକ ଫୋନ କରି ସେ ଗୁଜୁରାଟ ସ୍ଥିତି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଭରତନଗର ଶାଖାରୁ କହୁଛି ବୋଲି ଦର୍ଶାଇଥିଲେ । ତାଙ୍କର ବ୍ରହ୍ମପୁର ଖୋଡାସିଂ ଷ୍ଟେଟ ବ୍ୟାଙ୍କ ଶାଖାକୁ ବଦଳି ହୋଇଛି। ତେଣୁ ସେ ଘର ଭଡା ନେଇ ପରିବାର ସହ ରହିବେ ବୋଲି ମାଲିକଙ୍କୁ କହିଥିଲେ। ଘର ମାଲିକ ମାସକୁ ୭୮୦୦ଟଙ୍କା ଭଡା ଦେବାକୁ ପଡିବ ବୋଲି କହି ୨ ମାସର ଅଗ୍ରୀମ ଦେବାକୁ କହିଥିଲେ। ଷ୍ଟେଟବ୍ୟାଙ୍କ ଏହାର ଅଫିସରଙ୍କୁ ୬ ମାସର ଘର ଭଡା ଅଗ୍ରୀମ ଦେଉଛି ବୋଲି ସାଇବର ଠକ କହିଥିଲେ। ମାସକୁ ୧୦ ହଜାର ହିସାବରେ ୬ ମାସ ପାଇଁ ୬୦ ହଜାର ଟଙ୍କା ଘର ମାଲିକଙ୍କ ଆକାଉଣ୍ଟରେ ଜମା ହେବ ବୋଲି ଜଣାଇଥିଲେ। ସେଥିରୁ ଘର ମାଲିକ ଅଗ୍ରୀମ ଟଙ୍କାକୁ ବାଦ ଦେଇ ବଳକା ୪୦ ହଜାର ତାଙ୍କୁ ଗୁଗଲ–ପେ ଜରିଆରେ ଫେରସ୍ତ କରିବାକୁ ହେବ ବୋଲି ସାଇବର ଠକ ଜଣଙ୍କ କହିଥିଲେ । ୨ ଦିନ ପରେ ଘର ମାଲିକଙ୍କ ମୋବାଇଲ ନମ୍ବରକୁ ଏକ ମେସେଜ ଆସିଥିଲା । ଯେଉଁଥିରେ ତାଙ୍କ ଆକାଉଣ୍ଟରରେ ୬୦ ହଜାର ଟଙ୍କା ଜମା ହୋଇଥିବା ଭଳି କିଛି ତଥ୍ୟ ଉଲ୍ଲେଖ ଥିଲା । ସାଇବର ଠକ ଜଣଙ୍କ ଫୋନ କରି ୨ ମାସର ଅଗ୍ରୀମ ଟଙ୍କା ରଖିଦେଇ ବଳକା ୪୦ ହଜାର ଟଙ୍କା ଫେରାଇଦେବାକୁ କହିଥିଲେ । ଘର ମାଲିକ ଚୁକ୍ତି ଅନୁସାରେ ଗୁଗଲ–ପେ ଜରିଆରେ ସାଇବର ଠକ ଜଣଙ୍କ ଦେଇଥିବା ମୋବାଇଲ ନମ୍ବରରେ ୪୦ ହଜାର ପଠାଇ ଦେଇଥିଲେ। ପରେ ଘର ମାଲିକ ଏଟିଏମରୁ ମିନି ଷ୍ଟେଟମେଣ୍ଟ ବାହାର କରିବାରୁ କୌଣସି ଟଙ୍କା ଡିପୋଜିଟ ହୋଇନଥିବା ଜାଣିବାକୁ ପାଇଥିଲେ। ଏ ବିଷୟରେ ସାଇବର ଠକଙ୍କୁ ପଚାରିବାରୁ ସେ ବିଭିନ୍ନ କଥା କହିଥିଲେ। ଠକେଇର ଶିକାର ହେବା ଜାଣି ସାଇବର ଅପରାଧ ହେଲପଲାଇନ ନମ୍ବରରେ ଅଭିଯୋଗ କରିଥିଲେ ।

## ବିଶ୍ୱ ସୁନାମି ସଚେତନତା ସମ୍ମିଳନୀରେ ଯୋଗଦେବେ ଅଭିଷେକ



ଅଭିଷେକଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ବ୍ରହ୍ମପୁର,୧୪। ୧୦(ସ୍ୱାଧୀନ ଶେଖର ପାଢ଼ୀ)

ଆସନ୍ତା ସପ୍ତାହରେ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସୁନାମି ସଚେତନତା ସମ୍ମିଳନୀରେ ଯୋଗଦେବେ ବ୍ରହ୍ମପୁର ଟିଏନଟି ଶିକ୍ଷା ଅନୁଷ୍ଠାନର ଅଭିଷେକ ସାମନ୍ତରାୟ। ପୃଥିବୀର ୪୦ରୁ ଅଧିକ ଦେଶର ଛାତ୍ରୀଛାତ୍ର ଏଥିରେ ସାମିଲ ହେବେ। ଅଭିଷେକ ଓଡିଶାର ଏକ ମାତ୍ର ପ୍ରତିନିଧି ତଥା ଭାରତର ୫ ପ୍ରତିନିଧିଙ୍କ ମଧ୍ୟରେ ସେ ଏହି ସମ୍ମିଳନୀରେ ଯୋଗଦେଇ ଗଞ୍ଜାମ, ଓଡିଶା ତଥା ଭାରତର ନାମକୁ ସମଗ୍ର ପୃଥିବୀସାମ୍ନାରେ ପ୍ରତିପାଦନ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ଦ୍ୱିବେଦୀଙ୍କ ଉପସ୍ଥିତିରେ ଅଭିଷେକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତାର ସମସ୍ତ ଶ୍ରେୟ ସେ ନିଜ ପିତା ମାତା, ବଡ ଭାଇ, ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଭଗବାନଙ୍କୁ ପ୍ରଦାନ କରିଛନ୍ତି।

## ଏମ୍‌କେସିଜି ମେଡିକାଲକୁ ମିଳିଲା ପୁଣି ୨ ଚକ୍ଷୁ



ସୁଭାଷଙ୍କ ପରିବାର ଚକ୍ଷୁ ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲକୁ ପୁଣି ଦୁଇ ଚକ୍ଷୁ ମିଳିଛି। ଚଳିତ ମାସରେ ଏହା ପ୍ରଥମ ଚକ୍ଷୁଦାନ। ବ୍ରହ୍ମପୁର ସହରର ସୋମନାଥନଗର ଦ୍ୱିତୀୟ ଗଳିର ଟି.ସୁଭାଷ ଚନ୍ଦ୍ର ପାତ୍ର(୮୧)ଙ୍କ ରବିବାର ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଟି.ବିଜୟ ଲକ୍ଷ୍ମୀ ପାତ୍ର, ପୁଅ ଟି.ବାଲାଜୀ ପାତ୍ର, ଟି.ଶିବାଜୀ ପାତ୍ର, ଝିଅ କେ.ମମତା ପାତ୍ର, ଇ. ଗୀତା ପାତ୍ର, କେ.ସଂଗୀତା ସେନାପତିଙ୍କ ସମ୍ମତି କ୍ରମେ ବାପାଙ୍କ ୨ ଚକ୍ଷୁ ଦାନ କରିବାକୁ ସ୍ଥିର କରି ଫ୍ରେଣ୍ଡସ ହେଲପିଂ କ୍ଲବକୁ ଜଣାଇଲେ। ଏମକେସିଜି ହସ୍ପିଟାଲର ଚକ୍ଷୁ ବିଭାଗର ଡ. ବିବେକାନନ୍ଦ ସାହୁ ଓ ଡ. କିରଣ ରାଉତ ସକାଳ ୭ଟାରେ ଚକ୍ଷୁ ବାହାର କରିଥିଲେ। କ୍ଲବର ଜାମି ରବି କୁମାର, କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଇ.ଜଗ ରାଓ, ଭି.ଭେଙ୍କଟରତ୍ନମ ରାଜୁ,ବି.କୃଷ୍ଣ ପ୍ରସାଦ ସୁବୁଦ୍ଧି, ପି.ଶ୍ରୀନିବାସ ରାଓ, ଜାମି ରବିକୁମାର ସୁବୁଦ୍ଧି, କେ.ନନ୍ଦେଷ୍ଟୁ ସେନାପତି ସହଯୋଗ କରିଥିଲେ। ଚଳିତବର୍ଷର ଏହା ୧୫ତମ ଚକ୍ଷୁଦାନ ବୋଲି କାର୍ଯ୍ୟକ୍ରମର ଅଧ୍ୟକ୍ଷ ଜମ୍ମୁଲା ସୁରେଶ ଜଣାଇଛନ୍ତି।

## ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଝାଡାଙ୍କୁଲି ନିକଟ ଏକ ଫାର୍ମ ହାଉସରୁ ଜେନେରେଟର, ସୋଲାର ପ୍ୟାନେଲ ସହ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରି ହୋଇଛି। ଏ ନେଇ ଅଭିଯୋଗ ପରେ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି । ହର୍ଷବିହାର ୫ମ ଲାଇନରେ ରହୁଥିବା ମହମ୍ମଦ ଅର୍ବାନଙ୍କ ଝାଡାଙ୍କୁଲି ନିକଟରେ ଏକ ଫାର୍ମ ହାଉସ ରହିଛି । ଏକାଧିକ ଦୁର୍ବୃତ୍ତ ସେହି ଫାର୍ମ ହାଉସର ତାଲା ଭାଙ୍ଗି ଭିତରକୁ ପଶିବା ପରେ ଏକ ଡିଜେଲ ଜେନେରେଟର, ୩ଟି ସୋଲାର ବ୍ୟାଟେରୀ, ସୋଲାର ପ୍ୟାନେଲ, ୧୨ ଚେୟାର ଆଦି ଚୋରି କରି ନେଇଯାଇଥିଲେ । ସେହିପରି ଦୁର୍ବୃତ୍ତମାନେ ଆଣିଥିବା ଏକ କାତି ସେଠାରେ ଛାଡିପକାଇଥିବା ଜଣାପଡିଛି।

## ସ୍ମୃତିଚାରଣ ସଭାରେ ସତୀଶ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୧୪।୧୦(ନରସିଂହ ସାହୁ)

ଉତ୍କଳ ପ୍ରସଙ୍ଗର ପ୍ରାକ୍ତନ ମୁଖ୍ୟ ସମ୍ପାଦକ, ସାହିତ୍ୟିକ ଓ ଭାଜପା ନେତା ସ୍ୱର୍ଗତ ସତୀଶ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସୋମବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ହିଲପାଟଣାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ସ୍ୱର୍ଗତ ପାତ୍ରଙ୍କ ଅବଦାନ ନେଇ ଆଲୋକପାତ କରିଥିଲେ। ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କେ. ଅନିଲ କୁମାର, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଏମସି ମେୟର ସଂଘମିତ୍ରା ଦଳେଇ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢ଼ୀ, ପୀତବାସ ପଣ୍ଡା, ଆରଏସଏସର ରମେଶ ତ୍ରିପାଠୀ, ସୁରଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି କମିଟି ଆବାହକ ତଥା ସତୀଶଙ୍କ ପୁତ୍ର ମଦନ ମୋହନ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଚାଷୀ ନେତା କବିରାଜ ରଘୁନାଥ ପଣ୍ଡାଙ୍କ ତିରୋଧାନ ଦିବସ

ବ୍ରହ୍ମପୁର,୧୪।୧୦(ସ୍ମୃତିରଞ୍ଜନମହାଲିକ)

ଚାଷୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ କବିରାଜ ରଘୁନାଥ ପଣ୍ଡାଙ୍କ ୧୭ତମ ତିରୋଧାନ ଦିବସ ସୋମବାର ଗିରି ରୋଡଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଅବନୀ ଗୟା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ପରିବେଶବିତ ପ୍ରଫୁଲ ସାମନ୍ତରା ଓ ସମ୍ମାନନୀୟ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ଭଗବାନ ସାହୁ ଏବଂ ପୂର୍ବତନ ବିଧାୟକ ଏନ ନାରାୟଣ ରେଡି ଯୋଗ ଦେଇଥିଲେ। ଦେଶ ଦେଶ ମଧ୍ୟରେ ଏବଂ ସଂପ୍ରଦାୟ ମଧ୍ୟରେ ଶତ୍ରୁତା ମନୋଭାବ ପ୍ରଚାର ପ୍ରସାର କରାଯାଉଛି ବୋଲି ଅତିଥିମାନେ କହିଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଓଡିଶା କୃଷକ ସଭାର ଜିଲା ସଂପାଦକ ଗୋପାଳ ପାଣିଗ୍ରାହୀଙ୍କ ସମେତ ପୀତବାସ ମହାପାତ୍ର, ବିଘ୍ନେଶ୍ୱର ସାହୁ ଓ ଆଶା କିରଣ ପାଢି ଉପସ୍ଥିତ ଥିଲେ। ସ୍ମୃତି କମିଟି ସଭାପତି ସୁରେନ୍ଦ୍ର ନାଥ ପଣ୍ଡା, ରବିନ୍ଦ୍ର ପଣ୍ଡା, ଅମୂଲ୍ୟ ଚନ୍ଦ୍ର ପଣ୍ଡା ଓ ଚିନ୍ମୟୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରମେଶଙ୍କୁ ଅନ୍ତର୍ଜାତୀୟ ରେଫରି କାର୍ଡ

ବ୍ରହ୍ମପୁର,୧୪।୧୦(ସ୍ୱାଧୀନ ଶେଖର ପାଢ଼ୀ )

ବ୍ରହ୍ମପୁରର ଭରୋତ୍ତୋଳନ ରେଫରୀ ରମେଶଚନ୍ଦ୍ର ପାଢ଼ୀଙ୍କୁ ଅନ୍ତର୍ଜାତୀୟ ରେଫରି କାର୍ଡ ମିଳିଛି। ଆଇଡବ୍ଲୁଏଲଏଫ ଯୁବ ଜାତୀୟ ଭାରୋତ୍ତୋଳନ ଚାମ୍ପିଆନସିପରେ ଟେକନିକାଲ ଅଫିସର ଭାବେ ନିଯୁକ୍ତ ହୋଇ ହିମାଞ୍ଚଳ ପ୍ରଦେଶର ଗସ୍ତ କରିଥିଲେ। ସେଠାରେ ତାଙ୍କୁ ଭାରତୀୟ ଭରୋତ୍ତୋଳନ ସଂଘର ସଭାପତି ସହଦେ ଜି ୟାଦବ ଏହି କାର୍ଡ ପ୍ରଦାନ କରିଥିଲେ।

ଏହି ଯୋଗ୍ୟତା ହାସଲ କରିବାରେ ସେ ଓଡିଶାରୁ ଦ୍ୱିତୀୟ ରେଫେରି। ଏହିରେଫେରି କାର୍ଡ ପାଇବା ପରେ ସେ ଯେ କୌଣସି ବି ଅନ୍ତର୍ଜାତୀୟ ଭରୋତ୍ତୋଳନ ଚାମ୍ପିୟାନଶିପ ପ୍ରତିଯୋଗିତାରେ ରେଫରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପାଢ଼ୀଙ୍କ ଏହି ସଫଳତା ପାଇଁ ତାଙ୍କୁ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।



ରମେଶଙ୍କୁ ରେଫରୀ କାର୍ଡ ପ୍ରଦାନ କରାଯାଉଛି।

# ମହିଳା ହିତାଧିକାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ନାହିଁ

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କ ବା ଟଙ୍କା ଦେଣନେଣ ଅନୁଷ୍ଠାନରେ ବିଶେଷ କରି ହୀତାଧିକାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉଛି। କିନ୍ତୁ ବ୍ରହ୍ମପୁର ନିକଟ ଲାଠି ରାସ୍ତା କଡେ ଥିବା ଏକ ବ୍ୟାଙ୍କରେ ଏହାର ବାସ୍ତବ ଚିତ୍ର ଭିନ୍ନ ରହିଛି। ହିତାଧିକାରୀମାନେ ଖରାରେ ସିଝୁଥିବା ଓ ରାସ୍ତାରେ ଠିଆ ହେବା ସମସ୍ତଙ୍କୁ ଚକିତ କରିଛି। ଏହା ଦେଖିବା ପରେ ପଥଚାରୀମାନେ ଉକ୍ତ ବ୍ୟାଙ୍କ ପକ୍ଷରୁ ମହିଳା ହିତାଧିକାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବ୍ରହ୍ମପୁରରୁ ଭାୟା ଲାଠି ଦେଇ ଚିକିଟିକୁ ଏକ ରାସ୍ତା ଯାଇଛି। ଉକ୍ତ ରାସ୍ତା ସବୁବେଳେ ଯାନବାହନ ଚଳାଚଳ ଲାଗି ରହୁଛି। ଲାଠି ରାସ୍ତାକଡେ ରହିଛି ଏକମାତ୍ର ବ୍ୟାଙ୍କ ଅଫ ବରୋଦା। ଏହା ଏକ ଜାତୀୟକରଣ ବ୍ୟାଙ୍କ ହୋଇଥିବାବେଳେ ଏହି ବ୍ୟାଙ୍କ ଉପରେ ପୁରୁଣା ବ୍ରହ୍ମପୁର, ଲାଠି, ମହୁଡା, ବେଦାଳିଆ, ସୁକୁଣ୍ଡା ଆଦି ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଯୁବତୀ ଓ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଆସୁଛି। ଆକାଉଣ୍ଟ ଯାଞ୍ଚ କରିବାକୁ ସେମାନେ ପ୍ରତିଦିନ ବ୍ୟାଙ୍କକୁ ଯିବାକୁ ପଡୁଛି। ଗ୍ରାମଞ୍ଚଳ ହିତାଧିକାରୀମାନେ ଅନଲାଇନ ଆକାଉଣ୍ଟ ଦେଖିବା ଧାରଣା ନଥିବାରୁ ସେମାନେ ବାଧ୍ୟ ହୋଇ ବ୍ୟାଙ୍କକୁ ଆକାଉଣ୍ଟ ଯାଞ୍ଚ କରିବାକୁ ଯାଉଛନ୍ତି। ତେଣୁ ଉକ୍ତ ବ୍ୟାଙ୍କ ନିକଟରେ କିଛିଦିନ ହେଲା ମହିଳାଙ୍କ ଭିଡ ଲାଗୁଛି। ପ୍ରାୟ ସମୟ ମହିଳାଙ୍କ ଭିଡ ଲାଗୁଛି। ଯୁବତୀ ଓ ମହିଳାମାନେ ଅସୁରକ୍ଷିତ ଭାବେ ରାସ୍ତାକଡେ ଠିଆ ହୋଇଥିବା ଦେଖାଯାଇଥିଲା। ପଚାରୁ ପଚାରୁ ଜାଣିବାକୁ ମିଳିଥିଲା ଯେ, ବ୍ୟାଙ୍କରେ ପର୍ଯ୍ୟାପ୍ତ ଜାଗା ନଥିବାରୁ ବାହାରେ ଧାଡିବାନ୍ଧି ଠିଆ ହେବାର ଦେଖିବାକୁ ମିଳୁଛି। କୌଣସି ବ୍ୟାଙ୍କ ବାହାରେ ଲୋକେ ଠିଆ ହେବା ନିୟମ ନାହିଁ। କାରଣ ସେମାନେ ଗ୍ରାହକ, ସେମାନଙ୍କ ନେଣ ଦେଣ ଦ୍ୱାରା ବ୍ୟାଙ୍କ ସୁଫଳ ପାଏ। କିନ୍ତୁ ସେମାନଙ୍କୁ ସୁରକ୍ଷା ନଦେବା ଏହା କିଭଳି ନିୟମ ବୋଲି କେତେକ ହିତାଧିକାରୀ ପ୍ରଶ୍ନ କରିଥିଲେ। ବିଶେଷ କରି ମହିଳା ଗ୍ରାହକମାନେ ବାହାରେ ଠିଆ ହେବା ସେମାନଙ୍କୁ ଅଣଦେଖା କରାଯାଉଛି ବୋଲି କୁହାକୁହି ହେଉଥିଲେ। ସୁଭଦ୍ରା ଯୋଜନାରେ ଯୁବତୀ ଓ ମହିଳାଙ୍କୁ ସରକାର ଗୁରୁତ୍ୱ ଦେଉଥିବାବେଳେ ବ୍ୟାଙ୍କ ପକ୍ଷରୁ ସେମାନଙ୍କୁ ସୁବିଧା ଦିଆନଯିବା ସମସ୍ତଙ୍କୁ ଚକିତ କରିଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତାରେ ସବୁବେଳେ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତା ଉପରେ ଅପେକ୍ଷାରତ ହିତାଧିକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ବ୍ୟାଙ୍କ ଭିତରେ ଭିଡ ହୁଏ। କିନ୍ତୁ ବାହାରେ ଅସୁରକ୍ଷିତ ଭାବେ ମହିଳା ଠିଆ ହେବା ପଥଚାରୀଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବା ଜରୁରୀ ବୋଲି କେତେକ ମହିଳା କହିଥିଲେ। ଯଦି ଆଗାମୀ ଦିନରେ କୌଣସି ଅଘଟଣ ଘଟେ ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ମହିଳାଙ୍କୁ ଏନେଇ ସଚେତନ କରାଯାଇଛି।



ମହିଳା ହିତାଧିକାରୀ ବ୍ୟାଙ୍କ ବାହାରେ ଠିଆ ହୋଇଛନ୍ତି।

